# ଅଧ୍ୟାୟ 1: ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନରେ ରାଜ୍ୟ ସରକାରୀ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ସମୀକ୍ଷାରୁ ପ୍ରାପ୍ତ ବିଷୟ ବସ୍ତୁ ଅନ୍ତର୍ଭୁକ୍ତ । ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଧ୍ୟାନକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ଏହି ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀ ମାନଙ୍କୁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସହିତ ନୀତି ଓ ନିର୍ଦ୍ଦେଶାବଳୀ ଗଠନ କରିବାରେ ସହାୟକ ହେବା ଆଶା କରାଯାଏ, ଯାହାକି ସଂଗଠନର ଉନ୍ନତ ଆର୍ଥିକ ପରିଚାଳନା ସହିତ ଉତ୍ତମ ଶାସନନୀତି ପ୍ରଚଳନରେ ସହାୟକ ହେବ ।

ଏହି ପ୍ରତିବେଦନ ନିମ୍ନ ବର୍ଣ୍ଣିତ ଦୁଇଟି ଅଧ୍ୟାୟରେ ସଂଗଠିତ କରାଯାଇଛି:

- **ଅଧ୍ୟାୟ 1** ଅଧିନରେ ସମୀକ୍ଷା ପରିସରଭୁକ୍ତ ବିଭାଗଗୁଡ଼ିକର ତଥ୍ୟ ସହିତ ବିଗତ ପାଞ୍ଚ ବର୍ଷର ଖର୍ଚ୍ଚର ସଂକ୍ଷିପ୍ତ ବିବରଣୀ, ସମୀକ୍ଷା ପ୍ରାଧିକାର, ସମୀକ୍ଷାର ଯୋଜନା ଓ ସଞ୍ଚାଳନ, ବିବିଧ ସମୀକ୍ଷା ଉତ୍ପାଦ ଯଥା ନୀରିକ୍ଷଣ ରିପୋର୍ଟ, ଅନୁପାଳନ ଅନୁଚ୍ଛେଦ ଇତ୍ୟାଦି ଉପରେ ସରକାରଙ୍କ ପ୍ରତିକ୍ରିୟା ଓ ପ୍ରତିବେଦନ ଉପରେ ଅନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି ।

- **ଅଧ୍ୟାୟ 2** ଅଧିନରେ ପାଞ୍ଚଟି ବିଭାଗ ସମ୍ପର୍କିତ ଅନୁପାଳନ ସମୀକ୍ଷା ମନ୍ତବ୍ୟ ବ୍ୟତୀତ ସହରାଞ୍ଚଳ ଜମି ତଥା କୋଠାବାଡି ନିମିତ୍ତ ବଜାର ଦର ମାର୍ଗଦର୍ଶିକାର ସଂଶୋଧନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ, ଖୋର୍ଦ୍ଧା ଜିଲ୍ଲାରେ ଏସ୍‌ଟି ଓ ଏସ୍‌ସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନା ସମ୍ପର୍କିତ ବିସ୍ତୃତ ଅନୁପାଳନ ସମୀକ୍ଷା ମନ୍ତବ୍ୟ ଗୁଡିକ ଅନ୍ତର୍ଭୁକ୍ତ କରାଯାଇଛି ।

### 1.1.1 ସମୀକ୍ଷା ପରିସରଭୁକ୍ତ ବିଭାଗଗୁଡ଼ିକର ପାର୍ଶ୍ୱଚିତ୍ର ଓ ସମୀକ୍ଷା ପରିସର

ବଜେଟ୍ ପୁସ୍ତିକା ଅନୁଯାୟୀ ଓଡ଼ିଶା ସରକାର ବିଭିନ୍ନ ବିଭାଗ ସମ୍ପର୍କିତ 44 ଟି ଅନୁଦାନର ବ୍ୟବସ୍ଥା କରିଥାନ୍ତି । 25 ଟି ବିଭାଗର 28 ଅନୁଦାନ ସମ୍ପର୍କିତ 12,555 ସଂସ୍ଥା ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡ଼ିଶା (ପିଏଜି) କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ । ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରାପ୍ତ କିମ୍ବା କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ର ବିଭିନ୍ନ ଧାରା ଭିତ୍ତିରେ ସରକାରଙ୍କ ଦ୍ୱାରା ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ (ସିଏଜି)ଙ୍କୁ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା 114 ଟି ସଂସ୍ଥା/ ପ୍ରାଧିକରଣଙ୍କ ସମୀକ୍ଷା ମଧ୍ୟ ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦନ କରାଯାଇଥାଏ । ପ୍ରଧାନ ମହାଲେଖାକାର (ଅଡିଟ୍-1) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ବିଭାଗ ଓ ସ୍ୱୟଂଶାସିତ ସଂସ୍ଥା/ ପ୍ରାଧିକରଣ/ କମ୍ପାନୀଗୁଡ଼ିକର ତାଲିକା ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

ପ୍ରଧାନ ମହାଲେଖାକାର (ଅଡିଟ୍-1) ଓଡ଼ିଶାଙ୍କ ସମୀକ୍ଷା ପରିସରଭୁକ୍ତ ଥିବା ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର 2017-22 ଅବଧିରେ ହୋଇଥିବା ଖର୍ଚ୍ଚର ବିବରଣୀ **ସାରଣୀ 1.1** ରେ ଦର୍ଶାଯାଇଛି ।

***ସାରଣୀ 1.1: ପ୍ରମୁଖ ବିଭାଗଗୁଡ଼ିକର ଖର୍ଚ୍ଚର ଧାରା***

***(ଟଙ୍କା କୋଟିରେ)***

| କ୍ର.ସଂ. | ବିଭାଗର ନାମ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|---|
| 1 | ବିଦ୍ୟାଳୟ ଓ ଗଣଶିକ୍ଷା | 12,058.59 | 14,161.88 | 15,292.46 | 15,123.72 | 16,460.99 |
| 2 | ଅର୍ଥ | 10,520.15 | 12,351.26 | 16,438.34 | 16,260.98 | 18,994.58 |
| 3 | ପଞ୍ଚାୟତିରାଜ ଓ ପାନୀୟ ଜଳ | 9,302.11 | 15,426.37 | 16,856.22 | 15,595.04 | 16,238.48 |
| 4 | ଜଳସମ୍ପଦ | 8,834.70 | 7,495.25 | 6,127.89 | 5,384.69 | 7,094.89 |
| 5 | ଗ୍ରାମ୍ୟ ଉନ୍ନୟନ | 7,392.33 | 7,289.79 | 3,325.78 | 3,880.11 | 3,822.55 |
| 6 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 4,928.42 | 5,800.46 | 6,378.67 | 7,923.25 | 10,420.45 |

| କ୍ର.ସଂ. | ବିଭାଗର ନାମ | 2017-18 | 2018-19 | 2019-20 | 2020-21 | 2021-22 |
|---|---|---|---|---|---|---|
| 7 | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ | 2,851.83 | 3,220.68 | 2,764.93 | 2,779.80 | 3,078.64 |
| 8 | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି | 2,266.84 | 3,163.51 | 3,229.68 | 3,398.29 | 3,526.20 |
| 9 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1,992.70 | 931.75 | 1,013.64 | 973.95 | 990.25 |
| 10 | ଉଚ୍ଚ ଶିକ୍ଷା | 1,792.21 | 2,009.55 | 2,069.42 | 2,181.59 | 2,209.15 |
| 11 | ଯୋଜନା ଓ ଅଭିସରଣ | 992.12 | 987.37 | 707.84 | 991.76 | 1,127.37 |
| 12 | ସମବାୟ | 887.00 | 1,435.06 | 1,572.39 | 1,690.49 | 1,850.98 |
| 13 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | 618.45 | 592.08 | 704.47 | 681.50 | 597.22 |

***(ଉତ୍ସ: ଓଡ଼ିଶା ସରକାରଙ୍କ 2017-18 ଠାରୁ 2021-22 ପାଇଁ ଖର୍ଚ୍ଚ ଲେଖା)***

## 1.2 ସମୀକ୍ଷା ପାଇଁ ପ୍ରାଧିକାର

ସିଏଜିଙ୍କର ସମୀକ୍ଷା କ୍ଷମତା ଭାରତୀୟ ସମ୍ବିଧାନର ଧାରା 149 ଓ 151 ଏବଂ ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ଚାକିରୀ ସର୍ତ୍ତାବଳୀ (ଡିପିସି) ଅଧିନିୟମ 1971 ରୁ ଉଦ୍ଧୃତ । ସିଏଜିଙ୍କ ଡିପିସି ଅଧିନିୟମ 1971 ର ଧାରା 13 ଅଧିନରେ ସିଏଜି ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକର ବ୍ୟୟ ସମୀକ୍ଷା କରନ୍ତି । ଡିପିସି ଅଧିନିୟମର ଧାରା 14 ଅନୁଯାୟୀ ସରକାରଙ୍କ ଦ୍ୱାରା ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକର ସମୀକ୍ଷା ମଧ୍ୟ ସିଏଜିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଭାରତ ସରକାର, ପ୍ରତ୍ୟେକ ରାଜ୍ୟ ସରକାର ଓ ବିଧାନ ସଭା ଥିବା ପ୍ରତ୍ୟେକ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ଆୟ (ଉଭୟ ରାଜସ୍ୱ ଓ ପୁଞ୍ଜି)ର ସମୀକ୍ଷା ପାଇଁ ସିଏଜିଙ୍କ ଡିପିସି ଅଧିନିୟମର ଧାରା 16, ସିଏଜିଙ୍କୁ କ୍ଷମତା ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ, ଧାରା 19(2), 19(3) ଓ 20(1) ଅଧିନରେ ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ସଂସ୍ଥା/ ପିଏସ୍‌ୟୁ ଗୁଡିକର ସମୀକ୍ଷା ମଧ୍ୟ ସିଏଜି ପରିଚାଳନା କରିଥାନ୍ତି । ରେଗୁଲେସନ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ 2020 ତଥା ଭାରତୀୟ ସମୀକ୍ଷା ଏବଂ ଲେଖା ବିଭାଗ ଦ୍ୱାରା ଜାରି ଅଡିଟ୍ ମାନାଦର୍ଶରେ ବିଭିନ୍ନ ସମୀକ୍ଷା ସମ୍ପର୍କିତ ନୀତି ଏବଂ ପଦ୍ଧତି ବର୍ଣ୍ଣନା କରାଯାଇଛି ।

### 1.2.1 ସମୀକ୍ଷାର ଯୋଜନା ଏବଂ ସଞ୍ଚାଳନ

ବାର୍ଷିକ ସମୀକ୍ଷା ଯୋଜନା (ଏଏପି) ଅନୁଯାୟୀ ଅନୁପାଳନ ସମୀକ୍ଷା ସଞ୍ଚାଳନ କରାଯାଇଥାଏ । ଶୀର୍ଷ ୟୁନିଟ୍, ସମୀକ୍ଷା ୟୁନିଟ୍ ଓ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକର ଆର୍ଥିକ ଗୁରୁତ୍ୱ, ସାମାଜିକ ପ୍ରାଥମିକତା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ଅତୀତରେ ଘଟିଥିବା ତୋଷରପାତ, ଅର୍ଥର ଅପବ୍ୟବହାର, ଅର୍ଥ ଆତ୍ମସାତ, ଇତ୍ୟାଦି ସହ ଜଡ଼ିତ ସମ୍ଭାବ୍ୟ ତ୍ରୁଟିର ଆକଳନ ତଥା ପୂର୍ବ ସମୀକ୍ଷାର ଫଳାଫଳ ଆଧାରରେ ଅନୁପାଳନ ସମୀକ୍ଷା ପାଇଁ ୟୁନିଟ୍ ଚୟନ କରାଯାଇଥାଏ ।

ସମୀକ୍ଷା ସମାପ୍ତି ପରେ ୟୁନିଟର ମୁଖ୍ୟଙ୍କୁ ନିରୀକ୍ଷଣ ରିପୋର୍ଟ ଜାରି କରାଯାଏ । ପ୍ରାପ୍ତ ଉତ୍ତର ଆଧାରରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମାଧାନ କରାଯାଏ କିମ୍ବା ଅନୁପାଳନ ପାଇଁ ପୁନଶ୍ଚ ଉପଦେଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମିତ୍ତ ଡ୍ରାଫ୍ଟ ଅନୁଚ୍ଛେଦ ଭାବରେ ପୁନଶ୍ଚ ପ୍ରସ୍ତୁତ କରାଯାଏ । ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଧାରରେ ପ୍ରସ୍ତୁତ କରାଯାଇଥାଏ ଓ ବିଷୟଗୁଡ଼ିକର ଚୟନ, ଉପର ବର୍ଣ୍ଣିତ ପଦ୍ଧତିରେ କରାଯାଇଥାଏ ।

ଅନୁଚ୍ଛେଦଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ସମୟରେ ବିଭାଗ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ଔପଚାରିକ ଉତ୍ତରଗୁଡ଼ିକୁ ଯତ୍ନପୂର୍ବକ ବିଚାରକୁ ନିଆଯାଏ । ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ସମୀକ୍ଷା ପ୍ରତିବେଦନ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଏ ।

## 1.2.2 ଅଡିଟ୍‌କୁ ଜବାବ ପ୍ରଦାନରେ ସରକାରଙ୍କ ତତ୍ପରତାର ଅଭାବ

### *ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ପ୍ରତିକ୍ରିୟା*

କାରବାର ସମ୍ପର୍କିତ ଧାର୍ଯ୍ୟ ନିୟମଗୁଡ଼ିକର ଅନୁପାଳନ ଓ ଧାର୍ଯ୍ୟ ନିୟମ ତଥା ପଦ୍ଧତି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ସମ୍ପର୍କିତ ତଥା ନଥିଗୁଡ଼ିକର ପ୍ରଚଳନ ବିଷୟକୁ ତଦାରଖ କରିବା ନିମନ୍ତେ ପ୍ରଧାନ ମହାଲେଖାକାର (ଅଡିଟ୍-1) ସରକାରୀ ବିଭାଗଗୁଡ଼ିକର ସମୀକ୍ଷା କରିଥାନ୍ତି । ସମୀକ୍ଷା ସମାପ୍ତ ହେବା ପରେ ନିରୀକ୍ଷଣ ରିପୋର୍ଟ (ଆଇଆର) ଗୁଡ଼ିକ ନିରୀକ୍ଷିତ କାର୍ଯ୍ୟାଳୟର ମୁଖ୍ୟଙ୍କ ନିକଟକୁ ପଠାଇବା ସହିତ ଏହାର ନକଲ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥାଏ । ନିରୀକ୍ଷଣ ସମୟରେ ଚିହ୍ନଟ କରାଯାଇଥିବା ଗୁରୁତର ଅନିୟମିତତା ଓ ଅନ୍ୟାନ୍ୟ ତ୍ରୁଟି, ଯାହାର ସମାଧାନ ସେହି ସମୟ ମଧ୍ୟରେ ହୋଇପାରି ନଥାଏ, ସେଗୁଡ଼ିକୁ ନିରୀକ୍ଷଣ ରିପୋର୍ଟରେ ସ୍ଥାନିତ କରାଯାଏ । ପ୍ରଧାନ ମହାଲେଖାକାର (ଅଡିଟ୍-1)ଙ୍କ କାର୍ଯ୍ୟାଳୟ ଗୁରୁତର ଅନିୟମିତତାଗୁଡ଼ିକ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି ।

ଅଡିଟ୍ ଦ୍ୱାରା ଅବଗତ କରାଯାଇଥିବା ଯେକୌଣସି ଗୁରୁତର ତ୍ରୁଟିର ପ୍ରାଥମିକ ତଦନ୍ତ କରି ମାମଲାର ସତ୍ୟାସତ୍ୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରିବା ବିଷୟକୁ, ଅବଗତ ହେବାର ତିନି ସପ୍ତାହ ମଧ୍ୟରେ ସରକାର ଅଡିଟ୍‌କୁ ଜଣାଇବା ଆବଶ୍ୟକ । ପ୍ରାଥମିକ ରିପୋର୍ଟରେ ମାମଲାରେ ସତ୍ୟତାକୁ ଅସ୍ୱୀକାର ନ କରିବା କ୍ଷେତ୍ରରେ ସରକାର ପ୍ରାଥମିକ ରିପୋର୍ଟର ଦୁଇ ମାସ ମଧ୍ୟରେ ତ୍ରୁଟିର ପୁନରାବୃତ୍ତିକୁ ରୋକିବା ପାଇଁ ନେଇଥିବା ପ୍ରତିକାରାତ୍ମକ ପଦକ୍ଷେପ ଓ ତ୍ରୁଟି ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟକୁ ସୂଚିତ ପୂର୍ବକ ଏକ ବିସ୍ତୃତ ରିପୋର୍ଟ ଅଡିଟକୁ ପ୍ରଦାନ କରିବା ଆବଶ୍ୟକ ।

ଏତଦ୍‌ବ୍ୟତୀତ, ଧାର୍ଯ୍ୟ ନିୟମ ଓ ପଦ୍ଧତିଗୁଡ଼ିକର ଅନୁପାଳନ ଦିଗରେ ସମୟୋଚିତ ପ୍ରତିକାରାତ୍ମକ ପଦକ୍ଷେପ ଓ ନିରୀକ୍ଷଣ ସମୟରେ ଚିହ୍ନଟ ହୋଇଥିବା ତ୍ରୁଟି, ବିଚ୍ୟୁତି, ଇତ୍ୟାଦି ପାଇଁ ଉତ୍ତରଦାୟୀ ରହିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ପ୍ରଧାନ ମହାଲେଖାକାର (ଅଡିଟ୍-1) ପ୍ରଦତ୍ତ ନିରୀକ୍ଷଣ ରିପୋର୍ଟ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ମଧ୍ୟ ସମୟ ବ୍ୟବଧାନରେ ନିର୍ଦ୍ଦେଶ ଜାରି କରିଥିଲେ ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଅନ୍ତର୍ଗତ ଅମୀମାଂସିତ ସମୀକ୍ଷା ମନ୍ତବ୍ୟ ଗୁଡ଼ିକ ତଥା ସମାଧାନକୁ ସୁଗମ କରିବା ପାଇଁ, ଅମୀମାଂସିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ବିଷୟ ଉଲ୍ଲେଖ ଥାଇ ଏକ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ/ ସଚିବଙ୍କ ନିକଟକୁ ପଠାଯାଇଥାଏ ।

ମାର୍ଚ୍ଚ 2022 ସୁଦ୍ଧା ପ୍ରେରଣ କରାଯାଇଥିବା 24 ଟି ବିଭାଗ ସମ୍ପର୍କିତ ନିରୀକ୍ଷଣ ରିପୋର୍ଟର ସ୍ଥିତି ଦର୍ଶାଉଥିଲା ଯେ 11,535 ଟି ନିରୀକ୍ଷଣ ରିପୋର୍ଟର 43,430 ଟି ଅନୁଚ୍ଛେଦ ଜୁନ୍ 2022 ସୁଦ୍ଧା ଅମୀମାଂସିତ ରହିଥିଲା । ଅମୀମାଂସିତ ନିରୀକ୍ଷଣ ରିପୋର୍ଟ ଓ ଅନୁଚ୍ଛେଦଗୁଡିକର ବିଭାଗୱାରୀ ଏବଂ ବର୍ଷୱାରୀ ସ୍ଥିତି ***ପରିଶିଷ୍ଟ 1.2*** ରେ ଦର୍ଶାଯାଇଛି ।

ଅମୀମାଂସିତ ନିରୀକ୍ଷଣ ରିପୋର୍ଟରେ ସରକାରୀ ଅର୍ଥର ଗୁରୁତର ଅନିୟମିତତା ଯେପରିକି ଚୋରି, ତୋଷରଫ, ଅପବ୍ୟବହାର, ଇତ୍ୟାଦି ରାଜସ୍ୱ ହାନି ଓ ନିଅଣ୍ଟ ଏବଂ ଅନାଦେୟ/ ହିସାବରୁ ବାଦ୍ ଜନିତ କ୍ଷତି ସମ୍ପର୍କିତ 2,305.29 କୋଟି ଟଙ୍କାର 1,014 ଟି ଅନୁଚ୍ଛେଦ ରହିଛି । ଗୁରୁତ୍ୱପୂର୍ଣ୍ଣ ଅମୀମାଂସିତ ଅନୁଚ୍ଛେଦ ଗୁଡ଼ିକର ବିଭାଗୱାରୀ ଓ ପ୍ରକାର ଭିତ୍ତିକ ବିଶ୍ଳେଷଣ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଛି ।

ପିଏଜି, ଅଡିଟ୍-1 କାର୍ଯ୍ୟାଳୟ ଅନ୍ତର୍ଗତ 24 ଟି ବିଭାଗ ମଧ୍ୟରୁ 14 ଟି ବିଭାଗ[1] କ୍ଷେତ୍ରରେ ଅମୀମାଂସିତ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦ ଗୁଡ଼ିକର ଦ୍ରୁତ ସମାଧାନ ନିମନ୍ତେ ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧି ମାନଙ୍କୁ ନେଇ ଗଠିତ ଅଡିଟ୍ କମିଟିର 113 ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ 10 ଟି

[1] ଅବକାରୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ବିଦ୍ୟାଳୟ ଓ ଗଣ ଶିକ୍ଷା, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ସମବାୟ; ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ମହିଳା ଓ ଶିଶୁ ବିକାଶ, ଅର୍ଥ, ଉଚ୍ଚ ଶିକ୍ଷା, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ବିଭାଗ[2] ପାଇଁ ଅଡିଟ୍ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି 14 ଟି ବିଭାଗ ପାଇଁ ଅପ୍ରେଲ 2021 ରୁ ମାର୍ଚ୍ଚ 2022 ମଧ୍ୟରେ ଅନୁଷ୍ଠିତ ହୋଇଥିବା ଅଡିଟ୍ କମିଟି ବୈଠକରେ 2,131 ଟି ଅନୁଚ୍ଛେଦ ଓ 342 ଟି ନିରୀକ୍ଷଣ ରିପୋର୍ଟର ସମାଧାନ ହୋଇଥିଲା ।

ଧାର୍ଯ୍ୟ ସମୟ ସୀମା ମଧ୍ୟରେ (i) ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦଗୁଡ଼ିକର ଜବାବ ଦାଖଲରେ ବିଫଳ ହୋଇଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ (ii) କ୍ଷତି/ ବକେୟା ଅଗ୍ରୀମ/ ଅଧିକ ଅର୍ଥ ପ୍ରଦାନ ଇତ୍ୟାଦିର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭରଣା ଏବଂ (iii) ପ୍ରତ୍ୟେକ ଅଡିଟ୍ କମିଟିର ପ୍ରତି ତିନି ମାସରେ ସର୍ବନିମ୍ନ ଗୋଟିଏ ବୈଠକ ଅନୁଷ୍ଠିତ କରିବା ବିଷୟକୁ ସୁନିଶ୍ଚିତ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ଏକ ପଦ୍ଧତି ପ୍ରଚଳନ କରିବା ପାଇଁ ସୁପାରିଶ କରାଗଲା ।

### 1.2.3 ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ବିଭାଗଗୁଡ଼ିକର ପ୍ରତିକ୍ରିୟା

ରେଗୁଲେସନ୍ସ ଅନ୍ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍, 2020 ଅନୁଯାୟୀ ସିଏଜିଙ୍କ ପ୍ରତିବେଦନରେ ସ୍ଥାନିତ ହେବାକୁ ଥିବା ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦଗୁଡ଼ିକ ଉପରେ ପ୍ରସ୍ତାବିତ ସମୟ ମଧ୍ୟରେ ଜବାବ ଦାଖଲ କରାଯିବା ଉଚିତ୍ ।

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ଏହାର ଅଗଷ୍ଟ 2021 ଆଦେଶରେ, ପ୍ରସ୍ତାବିତ ଡ୍ରାଫ୍ଟ ସମୀକ୍ଷା ଅନୁଚ୍ଛେଦ ଉପରେ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଥିଲେ ।

ଡ୍ରାଫ୍ଟ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକ ଉପରେ ଧ୍ୟାନ ଆକର୍ଷଣ ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜବାବ ଉପସ୍ଥାପନ ପାଇଁ ଅନୁରୋଧ ପୂର୍ବକ ସମୀକ୍ଷା ଅନୁଚ୍ଛେଦ ଏବଂ ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକୁ ପ୍ରମୁଖ ସଚିବ/ ସଂପୃକ୍ତ ବିଭାଗୀୟ ସଚିବମାନଙ୍କ ସହିତ ଅର୍ଥ ବିଭାଗ ନିକଟକୁ ପଠାଯାଇଥାଏ । ଏକଥା ମଧ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ଦିଆଯାଏ ଯେ, ବିଧାନ ସଭାରେ ଉପସ୍ଥାପିତ ହେଉଥିବା ସିଏଜିଙ୍କ ସମୀକ୍ଷା ପ୍ରତିବେଦନରେ ଏହି ଅନୁଚ୍ଛେଦଗୁଡ଼ିର ସାମ୍ଭାବ୍ୟ ଅନ୍ତର୍ଭୁକ୍ତ ପରିପ୍ରେକ୍ଷୀରେ ସମୀକ୍ଷା ସିଦ୍ଧାନ୍ତ ଉପରେ ସେମାନେ ଦେଇଥିବା ମନ୍ତବ୍ୟ ସାମିଲ କରାଯିବ ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ତିନୋଟି ବିସ୍ତୃତ ଅନୁପାଳନ ସମୀକ୍ଷା ପ୍ରତିବେଦନ ଓ 16 ଟି ଡ୍ରାଫ୍ଟ ଅନୁଚ୍ଛେଦ ଅପ୍ରେଲ୍ 2022 ଓ ମଇ 2023 ମଧ୍ୟରେ ସରକାରୀ/ ଅର୍ଦ୍ଧ ସରକାରୀ ପତ୍ର ମାଧମରେ ସଚିବ/ ସଂପୃକ୍ତ ବିଭାଗର ପ୍ରମୁଖ ସଚିବମାନଙ୍କ ନିକଟକୁ ଓ ଅର୍ଥ ବିଭାଗକୁ ସେମାନଙ୍କ ନାମରେ ପଠାଯାଇଥିଲା । ସମୀକ୍ଷା ପ୍ରତିବେଦନରେ ସ୍ଥାନିତ ହୋଇଥିବା ଗୋଟିଏ ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଓ 11 ଟି ଡ୍ରାଫ୍ଟ ଅନୁଚ୍ଛେଦର ଜବାବ ସମ୍ପୃକ୍ତ ବିଭାଗ ଦାଖଲ କରିନଥିଲେ ।

ଯେଉଁ କ୍ଷେତ୍ରରେ ସଂପୃକ୍ତ ନିର୍ଦ୍ଦେଶାଳୟ/ ବିଭାଗଗୁଡ଼ିକର ଜବାବ ତଥା ପ୍ରାଥମିକ ଅଡିଟ୍ ମେମୋଗୁଡ଼ିକର ଜବାବ ପ୍ରାପ୍ତ ହୋଇଥିଲା, ସେଗୁଡ଼ିକ ଉପଯୁକ୍ତ ଭାବରେ ପ୍ରତିବେଦନରେ ସାମିଲ କରାଯାଇଛି ।

### 1.2.4 ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁବର୍ତ୍ତୀ ପଦକ୍ଷେପ

ସିଏଜିଙ୍କ ସମୀକ୍ଷା ପ୍ରତିବେଦନ ଗୁଡ଼ିକ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯିବା ପରେ ରାଜ୍ୟ ସରକାରଙ୍କ ବିଭାଗ ଗୁଡ଼ିକ ସମୀକ୍ଷା ମନ୍ତବ୍ୟର ଜବାବ ନିଜ ତରଫରୁ ତିନି ମାସ ମଧ୍ୟରେ ଦାଖଲ କରିବା ଆବଶ୍ୟକ । 2019-20 ପର୍ଯ୍ୟନ୍ତ ସିଏଜିଙ୍କ ସାଧାରଣ ଓ ସାମାଜିକ କ୍ଷେତ୍ର ଏବଂ ସ୍ଥାନୀୟ ନିକାୟ ସମ୍ପର୍କିତ ପ୍ରତିବେଦନରେ ସ୍ଥାନ ପାଇଥିବା ଅନୁଚ୍ଛେଦ ଗୁଡ଼ିକର ପର୍ଯ୍ୟାଲୋଚନାରୁ ଜଣାପଡ଼ିଲା ଯେ ସେପ୍ଟେମ୍ବର 2022 ସୁଦ୍ଧା ପାଞ୍ଚଟି ବିଭାଗ ସମ୍ପର୍କିତ 17 ଟି ଅନୁଚ୍ଛେଦ ବିପକ୍ଷରେ ଉତ୍ତର ଦାଖଲ କରାଯାଇ ନଥିଲା ***(ପରିଶିଷ୍ଟ 1.4)*** । 2007-08 ରୁ 2018-19 ଅବଧି ସମ୍ବନ୍ଧୀୟ 620 ଟି ଅନୁଚ୍ଛେଦ ମଧ୍ୟରୁ ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି )/ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ସ କମିଟି (ସିଓପିୟୁ) ଦ୍ୱାରା 190 ଟି ଅନୁଚ୍ଛେଦ ଆଲୋଚନା ପାଇଁ ଚୟନ କରାଯାଇଥିଲା ।

[2] ବୈଦ୍ୟୁତିକ ଓ ସୁଚନା ପ୍ରଯୁକ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଏବଂ ଶସକ୍ତିକରଣ, ଯୋଜନା ଓ ଅଭିସରଣ, ଦକ୍ଷତା ବିକାଶ ଓ ବାଷୟିକ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ସାଧାରଣ ପ୍ରଶାସନ ଓ ଅଭିଯୋଗ, ସୁଚନା ଓ ଲୋକସଂପର୍କ ଏବଂ ସଂସଦୀୟ ବ୍ୟାପାର

ପିଏସି ଏବଂ ସିଓପିୟୁ କାର୍ଯ୍ୟ ପଦ୍ଧତି ନିୟମ ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିଶ ଗୁଡ଼ିକ ଉପରେ ପ୍ରଶାସନିକ ବିଭାଗ ବିହିତ କାର୍ଯ୍ୟାନୁଷ୍ଠାନ କରିବା ସହିତ ଚାରି ମାସ ମଧ୍ୟରେ ସୁପାରିଶ ଉପରେ ଗ୍ରହଣ କରାଯାଇଥିବା କିମ୍ବା ଗ୍ରହଣ କରିବାକୁ ଥିବା କାର୍ଯ୍ୟାନୁଷ୍ଠାନ ଉପରେ ମନ୍ତବ୍ୟ ରଖିବା ଆବଶ୍ୟକ ।

2018-19 ଓ 2020-21 ମଧ୍ୟରେ ବିଧାନ ସଭାରେ ଉପସ୍ଥାପିତ ପିଏସିଙ୍କର ଗୋଟିଏ ରିପୋର୍ଟରେ ସ୍ଥାନ ପାଇଥିବା 15 ଟି ଅନୁଚ୍ଛେଦ ଉପରେ ଦୁଇଟି ବିଭାଗ ଦ୍ୱାରା ସେପ୍ଟେମ୍ବର 2022 ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ମନ୍ତବ୍ୟ ଉପସ୍ଥାପନ କରାଯାଇନଥିଲା । ଏହି ରିପୋର୍ଟ ଗୁଡ଼ିକରେ ଅସୁଲି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ବିଷୟରେ ପିଏସି ପରାମର୍ଶ ପ୍ରଦାନ କରିଥିଲେ । କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ***ପରିଶିଷ୍ଟ 1.5*** ରେ ଦର୍ଶାଯାଇଛି ।

### 1.2.5 ଅଡ଼ିଟ୍ ପ୍ରଭାବରେ ଅର୍ଥ ପୁନରୁଦ୍ଧାର

2021-22 ଅବଧିରେ, ଅଡିଟ୍ 376.30 କୋଟି ଟଙ୍କାର ପୁନରୁଦ୍ଧାର ବିଷୟ ଦର୍ଶାଇଥିଲେ, ଯାହାମଧ୍ୟରୁ 284.86 କୋଟି ଟଙ୍କାର ପୁନରୁଦ୍ଧାର ବିଷୟ ସଂସ୍ଥା ଗୁଡ଼ିକ ଦ୍ୱାରା ଗ୍ରହଣୀୟ ହୋଇଥିଲା ଏବଂ ମାର୍ଚ୍ଚ 2023 ସୁଦ୍ଧା 81.22 କୋଟି ଟଙ୍କା ଅସୁଲ କରାଯାଇଥିଲା ।

## 1.3 ଏହି ପ୍ରତିବେଦନ ଅଧିନସ୍ଥ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ

ଏହି ପ୍ରତିବେଦନ ମଧ୍ୟରେ ତିନୋଟି ବିସ୍ତୃତ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଓ 16 ଟି ଅନୁଚ୍ଛେଦ ସ୍ଥାନିତ କରାଯାଇଛି । ସେଥିମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ସଂକ୍ଷେପରେ ଉପସ୍ଥାପନ କରାଯାଇଛି:

### 1.3.1 ସହରାଞ୍ଚଳ ଜମି ଓ କୋଠାବାଡ଼ି ପାଇଁ ବଜାର ଦର ମାର୍ଗଦର୍ଶିକାର ସଂଶୋଧନ

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ, ବିକ୍ରୟ ସମୟରେ ପଞ୍ଜୀକରଣ ଉଦ୍ଦେଶ୍ୟରେ ସ୍ଥାବର ସମ୍ପତ୍ତିର ପ୍ରାରମ୍ଭିକ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ଓ ନିର୍ଦ୍ଦିଷ୍ଟ ଅବଧିରେ ଏହାର ସଂଶୋଧନ କରିବାକୁ ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମାବଳୀ, 2001, ମାଧ୍ୟମରେ ବଜାର ମୂଲ୍ୟ ମାର୍ଗଦର୍ଶିକା (ଏମ୍‌ଭିଜି) ର ପ୍ରଚଳନ କରିଥିଲେ । ଓଡ଼ିଶାର 14 ଉପ-ନିବନ୍ଧକ/ ଜିଲ୍ଲା ଉପ-ନିବନ୍ଧକ କାର୍ଯ୍ୟାଳୟ ପରିସରଭୁକ୍ତ ସହରାଞ୍ଚଳ ଜମି ଓ କୋଠାବାଡ଼ି ଗୁଡ଼ିକ ପାଇଁ 2018-19 ରୁ 2021-22 ଆର୍ଥିକ ବର୍ଷ ଅବଧିରେ ଏମ୍‌ଭିଜି ସଂଶୋଧନ ସମ୍ପର୍କିତ ପ୍ରକ୍ରିୟାରେ ନିୟମାବଳୀଗୁଡ଼ିକର ଅନୁପାଳନ ସ୍ଥିତିର ପର୍ଯ୍ୟାଲୋଚନା ଅଡିଟ ଦ୍ୱାରା କରାଯାଇଥିଲା ଓ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

- ମୂଲ୍ୟ ନିର୍ଦ୍ଧାରଣ କମିଟିର ସଭ୍ୟ ପାଇଁ ଜଣେ ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକଙ୍କ ମନୋନୟନ ବିଷୟ ନିୟମାବଳୀରେ ଉଲ୍ଲେଖିତ । ଅନ୍ୟ ରାଜ୍ୟଗୁଡ଼ିକର ନିୟମାବଳୀ ଗୁଡ଼ିକରେ ଥିବା ବ୍ୟବସ୍ଥାବଳୀ ମୂଲ୍ୟ ନିର୍ଦ୍ଧାରଣ କମିଟି ଗୁଡ଼ିକର ବିଶେଷଜ୍ଞ ମୂଲ୍ୟ ନିର୍ଦ୍ଧାରକଙ୍କ ପାଇଁ ବୈଷୟିକ ଯୋଗ୍ୟତା ଭିତ୍ତିକ ଯୋଗ୍ୟତା ମାନଦଣ୍ଡର ବ୍ୟବସ୍ଥା କରାଯାଇ ନଥିଲା । ଯାହାଫଳରେ, ମୂଲ୍ୟାୟନ କମିଟି ଗୁଡିକ ବିଶେଷଜ୍ଞ ସଭ୍ୟ ଓ ସେମାନଙ୍କର ଔପଚାରିକ ପରିଚୟ ବିନା ଗଠନ କରାଯାଇଥିଲା ।

- ନିୟମାବଳୀରେ ଉଲ୍ଲେଖ ଥିବା ସତ୍ତ୍ୱେ ମୂଲ୍ୟ ନିର୍ଦ୍ଧାରଣ କମିଟି ବିକ୍ରୟ ସମ୍ପତ୍ତିର ହାରାହାରି ମୂଲ୍ୟ ସରକାରୀ ଜମିର ନିଲାମ ମୂଲ୍ୟ ବାଣିଜ୍ୟିକ ବର୍ଗ ପ୍ଲଟର ତାଲିକା ଇତ୍ୟାଦି ଭଳି ଆନୁସଙ୍ଗିକ ତଥ୍ୟର ସଂଗ୍ରହଣ ଓ ସଂକଳନରେ ସୁନିଶ୍ଚିତ କରିନଥିଲେ । ଏହା ପରିବର୍ତ୍ତେ ମୂଲ୍ୟ ନିର୍ଦ୍ଧାରଣ କମିଟି ରାଜସ୍ୱ ନିରୀକ୍ଷକମାନଙ୍କ ଠାରୁ ପ୍ରାପ୍ତ ଏମ୍‌ଭିଜି ଉପରେ ଭରସା କରିଥିଲେ, ଯାହା ବାସ୍ତବ ବ୍ୟବହାର ଭିତ୍ତିରେ ନ ହୋଇ କେବଳ ଜମି ଜମା ରେକର୍ଡଭିତ୍ତିକ ଥିଲା । ଫଳସ୍ୱରୂପ କାର୍ଯ୍ୟକ୍ଷମ ରେଷ୍ଟୁରାଣ୍ଟ ଓ ବ୍ରାଣ୍ଡେଡ୍ ଷ୍ଟୋର ଚାଲୁଥିବା ଜମିଗୁଡ଼ିକ ଏମ୍‌ଭିଜି ସଂଶୋଧନ ପାଇଁ ସ୍ୱଳ୍ପମୂଲ୍ୟଯୁକ୍ତ 'ଚାଷ', 'ଜଳସେଚିତ', 'ବଗିଚା' ପ୍ଲଟ୍ ଭାବରେ ବର୍ଗୀକୃତ କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା ।

- କୋଠାବାଡ଼ିଗୁଡ଼ିକର ମୂଲ୍ୟାୟନ ପାଇଁ ଉଦ୍ଦିଷ୍ଟ ନିୟମାବଳୀ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଗୁଡ଼ିକରେ କୋଠାବାଡ଼ି ଅନ୍ତର୍ଗତ ଆପାର୍ଟମେଣ୍ଟ/ ବାସଗୃହ ଗୁଡ଼ିକର ବଜାର ମୂଲ୍ୟକୁ ଉଲ୍ଲେଖନୀୟ ଭାବରେ ଆଧୁନିକ ଆଭ୍ୟନ୍ତରୀଣ ସାଜସଜା, ମଡୁଲାର ରୋଷେଇଘର, କାନ୍ଥ ଫିଟିଙ୍ଗ୍ ଓ ଫିକ୍ସର ଇତ୍ୟାଦି ଭଳି ସୁବିଧାଗୁଡ଼ିକୁ ବିଚାରକୁ ନେବା ପାଇଁ ବ୍ୟବସ୍ଥା ନଥିଲା ।

- ନିୟମାବଳୀରେ ଉଲ୍ଲେଖିତ ନିୟମଗୁଡ଼ିକର ବ୍ୟବହାର କରି ରାଜ୍ୟର କୌଣସି ଜିଲ୍ଲାପାଳ ଏମ୍‌ଭିଜିର କୌଣସି ସ୍ୱତନ୍ତ୍ର ସଂଶୋଧନ ପାଇଁ ଆଦେଶ ଜାରି କରିନଥିଲେ, ଏପରିକି ପୁରୀ ଠାରେ ନୂତନ ଗ୍ରୀନ ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ଫଳରେ ପ୍ରସ୍ତାବିତ ଜମିର ଚତୁର୍ପାଶ୍ୱରେ ଜମି ଗୁଡ଼ିକର ବଜାର ମୂଲ୍ୟ ହଠାତ୍ ଓ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଥିବା ସତ୍ତ୍ୱେ ଏହା କରାଯାଇ ନଥିଲା ।

- କୌଣସି ମୂଲ୍ୟାୟନ କମିଟି ନିୟମାବଳୀରେ ବ୍ୟବସ୍ଥା ଉପଯୋଗ କରି କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଅଧିକାରୀଙ୍କୁ ଡକାଇନଥିଲେ କିମ୍ବା କୌଣସି ସରକାରୀ ନଥିପତ୍ର ମଗାଇ ନଥିଲେ କିମ୍ବା କୌଣସି ଅଧିକାରୀଙ୍କର ବୟାନ ନଥିଭୁକ୍ତ କରିନଥିଲେ, ଯାହାଙ୍କର ଇନ୍‌ପୁଟ୍ ଏମ୍‌ଭିଜି ସଂଶୋଧନ ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ହୋଇପାରେ ।

- ଓଡ଼ିଶା ନିବନ୍ଧକ ମହାନିରୀକ୍ଷକ ନିୟମାବଳୀର ଫଳପ୍ରଦ କାର୍ଯ୍ୟାନ୍ୱୟନ ନିମିତ୍ତ ପ୍ରଶାସନିକ ନିର୍ଦ୍ଦେଶ ଜାରି କରିବା ପାଇଁ ନିୟମାବଳୀରେ ଉଲ୍ଲେଖିତ ସକ୍ଷମ ବ୍ୟବସ୍ଥା ଗୁଡ଼ିକର ଉପଯୋଗ କରିନଥିଲେ ।

ସରକାରୀ ରାଜସ୍ୱ ହାନୀକୁ ରୋକିବା ପାଇଁ ପ୍ରମୁଖ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଭାବରେ କାର୍ଯ୍ୟକରିବା ଉଦ୍ଦେଶ୍ୟରେ ନିୟମାବଳୀର ବ୍ୟବସ୍ଥା ଏହି ଉପଲକ୍ଷେ ପ୍ରୟୋଗ କରାଯାଇ ନଥିଲା ।

*(ଅନୁଚ୍ଛେଦ 2.1)*

### 1.3.2 ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କିମ୍ବା ଅନ୍ୟ ସମାନଧରଣର ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ଗ୍ରାମାଞ୍ଚଳ ଜନବସତିଗୁଡ଼ିକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ବ୍ୟବସ୍ଥା କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ 2015-16 ଆର୍ଥିକ ବର୍ଷରେ ରାଜ୍ୟରେ ମୁଖ୍ୟ ମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ଆରମ୍ଭ କରିଥିଲେ । 2017-18 ଠାରୁ 2021-22 ର ପାଞ୍ଚ ବର୍ଷ ଅବଧିରେ ଏମ୍‌ଏମ୍‌ଏସ୍‌ୱାଇ କାର୍ଯ୍ୟାନ୍ୱୟନର ଏକ ବିସ୍ତୃତ ଅନୁପାଳନ ସମୀକ୍ଷା ସଞ୍ଚାଳନ କରାଯାଇଥିଲା ଏବଂ ଉଲ୍ଲେଖନୀୟ ସମୀକ୍ଷା ସିଦ୍ଧାନ୍ତଗୁଡ଼ିକୁ ନିମ୍ନରେ ଦର୍ଶାଯାଇଛି:

- 2017-18 ରୁ 2021-22 ଆର୍ଥିକ ବର୍ଷ ନିମନ୍ତେ ଏମ୍‌ଏମ୍‌ଏସ୍‌ୱାଇ ପାଇଁ 1888.74 କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ବିପକ୍ଷରେ 1573.03 କୋଟି ଟଙ୍କା (83 ପ୍ରତିଶତ) ବିନିଯୋଗ କରାଯାଇଥିଲା, ଯାହା ବିନିଯୋଗରେ ସ୍ୱଳ୍ପତାକୁ ଦର୍ଶାଇଥିଲା । ଏହି ଅବଧିରେ 808 ଟି ରାସ୍ତା ପ୍ରକଳ୍ପ ଅନୁମୋଦନ ଲାଭ କରିଥିବା ବେଳେ କେବଳ 359 ଟି ସମ୍ପୂର୍ଣ୍ଣ କରାଯାଇପାରିଥିଲା ।

- ରାସ୍ତା ସଂଯୋଗ ଯୋଗାଇଦେବା ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାସ୍ତରୀୟ କମିଟି 3,295 ଟି ରାସ୍ତା ସଂଯୋଗ ନଥିବା ଗ୍ରାମ୍ୟ ଜନବସତିକୁ ଚିହ୍ନଟ କରିଥିଲେ, ଯାହା ବିପକ୍ଷରେ 2018-19 ଅବଧିରେ ମାତ୍ର 1,238 ଟି ବସତିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିନଥିଲେ କିମ୍ବା ଚାରିଟି ଆର୍ଥିକ ବର୍ଷରେ (2017-18, 2019-20, 2020-21 ଏବଂ 2021-22) କୌଣସି ନୂତନ ରାସ୍ତା ପ୍ରକଳ୍ପ ହାତକୁ ନେଇନଥିଲେ । ଯେଉଁଥିପାଇଁ ଅବଶିଷ୍ଟ 2,057 ଜନବସତି (62.43ପ୍ରତିଶତ) କୁ ଯୋଜନା ଅଧିନରେ ସବୁଦିନିଆ ରାସ୍ତା ଉପଲବ୍ଧ କରାଯାଇନଥିଲା ।

- ପାଞ୍ଚଟି ନମୁନା ଡିଭିଜନରେ 2017-18 ରୁ 2021-22 ଅବଧିରେ ନିଆଯାଇଥିବା 103 ଟି ରାସ୍ତା ପ୍ରକଳ୍ପ ମଧ୍ୟରୁ 16 ଟି ରାସ୍ତା ପ୍ରକଳ୍ପ (16 ପ୍ରତିଶତ) ସଂପୃକ୍ତ ଡିଏଲ୍‌ସି ଗୁଡ଼ିକ ଦ୍ୱାରା ଚିହ୍ନଟ କିମ୍ବା ଅନୁମୋଦନ କରାଯାଇନଥିବା ବିଷୟରୁ ରାସ୍ତା ପ୍ରକଳ୍ପଗୁଡ଼ିକର ଚୟନ ସଂପୂର୍ଣ୍ଣ ସ୍ୱଚ୍ଛ ନଥିବା ସ୍ପଷ୍ଟ

ଜଣାପଡୁଥିଲା । ସେହିପରି ଭାବରେ, ତିନିଟି ନମୁନା ଡିଭିଜନରେ ଜନବସତି ପାଇଁ ସାତଟି ରାସ୍ତା ପ୍ରକଳ୍ପ ଚୟନ କରାଯାଇଥିଲା, ଯଦିଓ, ସେହି ବସତି ଗୁଡ଼ିକ ପ୍ରକଳ୍ପ କାର୍ଯ୍ୟ ହାତକୁ ନେବା ସମୟରେ ବିଦ୍ୟମାନ ସଡକ ନେଟୱର୍କ ସହିତ ସଂଯୋଗ ହୋଇଥିଲା ।

- ସର୍ଭେ ଓ ଅନୁସନ୍ଧାନରେ ତ୍ରୁଟି ହେତୁ, ଡିପିଆର୍ ପ୍ରସ୍ତୁତିରେ ତ୍ରୁଟି ଥିବା ଲକ୍ଷ୍ୟ କରାଯାଇଥିଲା । 14ଟି ରାସ୍ତା ପ୍ରକଳ୍ପ କ୍ଷେତ୍ରରେ, ଡିପିଆର୍ ପ୍ରସ୍ତୁତି ସମୟରେ ସରକାରୀ ଜମିର ଉପଲବ୍ଧତା କିମ୍ବା ବେସରକାରୀ ଜମିର ଆବଶ୍ୟକତା ବିଷୟ ବିଚାରକୁ ନିଆଯାଇ ନଥିଲା । ଏଥିମଧ୍ୟରୁ, ପାଞ୍ଚଟି ରାସ୍ତା ପ୍ରକଳ୍ପ ବେସରକାରୀ ଜମିର ଆବଶ୍ୟକତା ହେତୁ ସମ୍ପୂର୍ଣ୍ଣ ହୋଇପାରି ନଥିଲା ଏବଂ ନଅଟି ରାସ୍ତା ପ୍ରକଳ୍ପ ଜମି ବିବାଦ ଓ ଜଙ୍ଗଲ ଅନୁମତି ପ୍ରାପ୍ତ ନହେବା କାରଣରୁ 6.40 କୋଟି ଟଙ୍କା ବ୍ୟୟ ପରେ ଅଧାରୁ ବନ୍ଦ କରାଯାଇଥିଲା । ଏତଦ୍ ବ୍ୟତୀତ, ଆବଶ୍ୟକୀୟ ଦୈର୍ଘ୍ୟର ଆକଳନ ସଠିକ ନଥିଲା । 43ଟି ରାସ୍ତା ପ୍ରକଳ୍ପରେ 53ଟି ଜନବସତିକୁ ରାସ୍ତା ସଂଯୋଗ ପାଇଁ 157.02 କିମି ଦୈର୍ଘ୍ୟ ରାସ୍ତାର ଆବଶ୍ୟକତା ବିପକ୍ଷରେ 237.20 କିମି ରାସ୍ତା ନିର୍ମାଣ କରାଯାଇଥିଲା । ଏହିପରିଭାବରେ, 80.18 କିମି ରାସ୍ତା ବର୍ଜନୀୟ ଥିଲା, ଯେଉଁଥିରେ 28.89 କୋଟି ଟଙ୍କା ବ୍ୟୟ କରାଯାଇଥିଲା ।

- ପ୍ରକଳ୍ପ କାର୍ଯ୍ୟ ନିର୍ବାହରେ ପୂର୍ଣ୍ଣ ଆର୍ଥିକ ଫାଇଦା ଲାଭ ଉଦ୍ଦେଶ୍ୟରେ ଆକଳନଗୁଡ଼ିକ ପ୍ରସ୍ତୁତ କରାଯାଇ ନଥିବା ଲକ୍ଷ୍ୟ କରାଯାଇଥିଲା । ଚାରିଟି ନମୁନା ଡିଭିଜନରୁ 34ଟି ରାସ୍ତା କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟସ୍ଥଳର ନିକଟବର୍ତ୍ତୀ ଅଞ୍ଚଳରୁ ଇସ୍ପାତ ସଂଗ୍ରହ କରିବା ପରିବର୍ତ୍ତେ ଦୂରବର୍ତ୍ତୀ ଅଞ୍ଚଳରୁ ସଂଗ୍ରହ କରିବା ବିଷୟ ଏବଂ ମୃତ୍ତିକା କାର୍ଯ୍ୟ ପାଇଁ ସିଡ୍ୟୁଲ ଅଫ୍ ରେଟରେ ଉଲ୍ଲେଖିତ ମୂଲ୍ୟ ଠାରୁ ଅଧିକ ଦର କାର୍ଯ୍ୟ ଆକଳନରେ ଉଲ୍ଲେଖ କରାଯିବା ଫଳରେ 0.24 କୋଟି ଟଙ୍କାର ଅଧିକ ବ୍ୟୟ ହୋଇଥିଲା ।

- 25 ଟି ରାସ୍ତା ପ୍ରକଳ୍ପ କ୍ଷେତ୍ରରେ ରାସ୍ତାଗୁଡ଼ିକର ନିର୍ଦ୍ଦିଷ୍ଟତା ଆଇଆର୍‌ସି ସଂହିତାରେ ଉଲ୍ଲେଖିତ ନିର୍ଦ୍ଦିଷ୍ଟତା ମୁତାବକ ହୋଇନଥିବା ଲକ୍ଷ୍ୟ କରାଯାଇଥିଲା । ଏହି ମାମଲା ଗୁଡ଼ିକରେ ସିମେଣ୍ଟ କଂକ୍ରିଟର ମୋଟେଇ ଆବଶ୍ୟକୀୟ 150 ମିମି ପରିବର୍ତ୍ତେ 180 ରୁ 190 ମିମି ମଧ୍ୟରେ ରହିଥିଲା, ଫଳରେ 1.82 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା ।

- ଖନନ କରାଯାଇଥିବା 2.16 ଲକ୍ଷ ଘନ ମିଟର ମୃତ୍ତିକା ସଂପୃକ୍ତ କାର୍ଯ୍ୟରେ ବିନିଯୋଗ କରାଯାଇ ନଥିଲା ବରଂ ଦୂରବର୍ତ୍ତୀ ଅଞ୍ଚଳରୁ ମୃତ୍ତିକା ପରିବହନ କରାଯିବା ଫଳରେ 1.92 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା । ସେହିପରି ଭାବରେ, ଖନନ କରାଯାଇଥିବା 1.83 କୋଟି ଟଙ୍କା ମୂଲ୍ୟର 0.97 ଲକ୍ଷ ଘନ ମିଟର ପଥର ସଂପୃକ୍ତ କାର୍ଯ୍ୟରେ ବିନିଯୋଗ କରାଯାଇ ନଥିଲା ଓ ବାହ୍ୟ ଅଞ୍ଚଳରୁ ସଂଗ୍ରହ କରାଯାଇ ପଥର ଆବଶ୍ୟକତା ପୂରଣ କରାଯାଇଥିଲା ।

- ଚାରୋଟି ରାସ୍ତା ପ୍ରକଳ୍ପ କ୍ଷେତ୍ରରେ ଠିକାଦାରମାନଙ୍କ ଦ୍ୱାରା ପ୍ରବଞ୍ଚନାତ୍ମକ ମିଆଦି ଜମା ରସିଦ୍ ପ୍ରଦାନ କିମ୍ବା କାର୍ଯ୍ୟର ଶିଥିଳ ଅଗ୍ରଗତି ହେତୁ ଚୁକ୍ତିନାମା ରଦ୍ଦ କରାଯିବା ସତ୍ତ୍ୱେ 1.75 କୋଟି ଟଙ୍କାର ଜୋରିମାନା ରାଶି ଖିଲାପକାରୀ ଠିକାଦାରମାନଙ୍କ ଠାରୁ ଆଦାୟ କରାଯାଇ ନଥିଲା ।

- ନିର୍ମିତ ରାସ୍ତାର ରକ୍ଷଣାବେକ୍ଷଣ ବାବଦରେ ଅଡିଟ୍ ଲକ୍ଷ୍ୟ କଲେ ଯେ, 253 ଟି ନିର୍ମିତ ରାସ୍ତା ମଧ୍ୟରୁ 110 ଟି ରାସ୍ତାର ରକ୍ଷଣାବେକ୍ଷଣ ବାର୍ଷିକ ଭିତ୍ତିରେ କରାଯାଇ ନଥିଲା, ଯଦିଓ ରାଜିନାମା ଅନୁଯାୟୀ ତାହା ବାଧ୍ୟତାମୂଳକ ଥିଲା । ରାସ୍ତାଗୁଡ଼ିକର ମିଳିତ ବସ୍ତୁଗତ ନିରୀକ୍ଷଣ (ଜେପିଆଇ) ରୁ ସେଗୁଡ଼ିକ ଭଗ୍ନ ଅବସ୍ଥାରେ ଥିବା ଜଣାପଡ଼ିଥିଲା ।

- ତୃତୀୟ ପକ୍ଷ ଗୁଣବତ୍ତା ନିରୀକ୍ଷକମାନଙ୍କ ଦ୍ୱାରା 294 ବାଧ୍ୟତାମୂଳକ ନିରୀକ୍ଷଣ ବିପକ୍ଷରେ ମାତ୍ର 184 ନିରୀକ୍ଷଣ (63 ପ୍ରତିଶତ) କରାଯାଇଥିଲା ଓ ସାତଟି କାର୍ଯ୍ୟର ଆଦୌ ନିରୀକ୍ଷଣ କରାଯାଇ ନଥିଲା । ରାଜ୍ୟ ଗୁଣବତ୍ତା ନିରୀକ୍ଷକ ଭାବରେ ନିଯୁକ୍ତ ଅଧୀକ୍ଷଣ ଯନ୍ତ୍ରୀ କିମ୍ବା ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନେ ନିରୀକ୍ଷଣ ହେବାକୁ ଥିବା 405 ନିରୀକ୍ଷଣ ବିପକ୍ଷରେ ମାତ୍ର ଚାରିଟି ନିରୀକ୍ଷଣ କରିଥିଲେ ।

***(ଅନୁଚ୍ଛେଦ 2.13)***

### 1.3.3 ଖୋର୍ଦ୍ଧା ଜିଲ୍ଲାରେ ଏସ୍‌ଟି ଓ ଏସ୍‌ସି ଛାତ୍ରୀଛାତ୍ରଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ

+2 (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ସମକକ୍ଷ) ପାଠ୍ୟକ୍ରମ, ଶିକ୍ଷ ତାଲିମ କେନ୍ଦ୍ରଗୁଡ଼ିକରେ ଧନ୍ଦାମୂଳକ ପାଠ୍ୟକ୍ରମ, +3 (ବିଏସ୍‌ସି, ବିକମ୍, ବିଏ ଇତ୍ୟାଦି) ପାଠ୍ୟକ୍ରମ ଓ ବୃତ୍ତିଗତ ଓ ବୈଷୟିକ (ଏମ୍‌ବିଏ, ବିଇ ଇତ୍ୟାଦି) ପାଠ୍ୟକ୍ରମ ଗୁଡ଼ିକରେ ଅଧ୍ୟୟନ ପାଇଁ ଅନୁସୂଚିତ ଜନଜାତି (ଏସ୍‌ଟି)/ ଅନୁସୂଚିତ ଜାତି (ଏସ୍‌ସି) ଛାତ୍ରୀଛାତ୍ରଙ୍କ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା  ମାଟ୍ରିକ ପରବର୍ତ୍ତୀ ବୃତ୍ତି (ପିଏମ୍‌ଏସ୍) ଯୋଜନାର ଉଦ୍ଦେଶ୍ୟ । 2017-18 ଠାରୁ 2020-21 ଆର୍ଥିକ ବର୍ଷ ଅବଧିରେ ଡିପ୍ଲୋମା ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ଯୋଗ୍ୟତା ମାନଦଣ୍ଡର ଅନୁପାଳନ ପୂର୍ବକ ବାର୍ଷିକ ବୃତ୍ତି ପ୍ରଦାନ ଓ ଅସଲି ହିତାଧିକାରୀମାନଙ୍କୁ ପ୍ରଦାନ ବିଷୟ ଯାଞ୍ଚ କରିବା ଅଡିଟର ଉଦ୍ଦେଶ୍ୟ ଥିଲା । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ସିଦ୍ଧାନ୍ତ ଗୁଡ଼ିକ ହେଲା:

- ଦରଖାସ୍ତକାରୀ ମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଜାତିଗତ ପ୍ରମାଣପତ୍ର ଆୟପ୍ରମାଣ ପତ୍ର ଗୁଡ଼ିକର ସତ୍ୟତା, ଶିକ୍ଷାନୁଷ୍ଠାନ କିମ୍ବା ଜିଲ୍ଲା କଲ୍ୟାଣ ଅଧିକାରୀ (ଡିଡବ୍ଲୁଓ)ମାନଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା । ତଦାରଖ ଅଭାବରୁ 11 ଟି ଅନୁଷ୍ଠାନରେ 119 ଜଣ ଛାତ୍ରୀଛାତ୍ରଙ୍କର 256 ଟି ଦରଖାସ୍ତ ବାବଦରେ ଜାଲ ଜାତିଗତ ପ୍ରମାଣ ଆଧାରରେ 97.32 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି, 48 ଜଣ ଛାତ୍ରୀଛାତ୍ରଙ୍କର 85 ଟି ଦରଖାସ୍ତ ବିପକ୍ଷରେ 40.51 ଲକ୍ଷ ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା ।

- ଦରଖାସ୍ତ ସହିତ ସଂଯୁକ୍ତ ପ୍ରମାଣପତ୍ର ଗୁଡ଼ିକର ସତ୍ୟତା ଯାଞ୍ଚ ଜନିତ ତ୍ରୁଟି ବ୍ୟତୀତ ଦରଖାସ୍ତ ସହିତ ସଂଯୁକ୍ତ ହେବାକୁ ଥିବା ଆବଶ୍ୟକୀୟ ପ୍ରମାଣପତ୍ର ଗୁଡ଼ିକର ଉପଲବ୍ଧତା ଶିକ୍ଷାନୁଷ୍ଠାନ କିମ୍ବା ଡିଡବ୍ଲୁଓ ଙ୍କ ଦ୍ୱାରା ଯାଞ୍ଚ କରାଯାଇ ନଥିଲା । 24 ଟି ଅନୁଷ୍ଠାନର 1,823 ବୃତ୍ତି ଦରଖାସ୍ତ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର କିମ୍ବା ଆୟ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ପ୍ରମାଣପତ୍ର ସଂଯୁକ୍ତ କରାଯାଇ ନଥିଲା କିମ୍ବା ସଂପୃକ୍ତ ଦରଖାସ୍ତକାରୀମାନଙ୍କ ଦରଖାସ୍ତ ଫର୍ମରେ ଦସ୍ତଖତ କରିନଥିଲେ କିମ୍ବା ବ୍ୟକ୍ତିଗତ ବିବରଣୀ ଉପଲବ୍ଧ ନଥିଲା । ଏହିଭଳି ସ୍ପଷ୍ଟ ତ୍ରୁଟିବିଚ୍ୟୁତି ସତ୍ତ୍ୱେ, ଏହି ଦରଖାସ୍ତ ଗୁଡ଼ିକ ବାବଦରେ 7.40 କୋଟି ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା ।

- ଦରଖାସ୍ତଗୁଡ଼ିକର ପ୍ରଥମ ଓ ଦ୍ୱିତୀୟ ସ୍ତରୀୟ ଯାଞ୍ଚ ନିମନ୍ତେ ମାର୍ଗଦର୍ଶିକାର ଅନୁପାଳନରେ ଉଲ୍ଲେଖନୀୟ ଅଭାବ ସଂପୃକ୍ତ ଅନୁଷ୍ଠାନର ଓ ଖୋର୍ଦ୍ଧା, ଡିଡବ୍ଲୁଓ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଦ୍ୱାରା ଇଚ୍ଛାକୃତ ଭାବରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବୃତ୍ତି ପ୍ରଦାନର ସୂଚକ ହୋଇପାରେ । ଡିବିଟି ଢାଞ୍ଚାରେ ବ୍ୟାଙ୍କ ଖାତାଧାରୀ ଯେଉଁମାନଙ୍କ ସପକ୍ଷରେ ଡିବିଟି ଢାଞ୍ଚାରେ ବୃତ୍ତିରାଶି ଅନ୍ତରଣ କରାଯାଇଥିଲା ଚିହ୍ନଟରେ ନିଶ୍ଚିତତାର ଅଭାବ ଓ ହିତାଧିକାରୀମାନଙ୍କ ଯୋଗ୍ୟତାର ଅଭାବ ଦୃଷ୍ଟିରୁ ଯୋଜନା ଅର୍ଥର ଅପପ୍ରୟୋଗ ଉଦ୍ଦେଶ୍ୟରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦ୍ୱାରା ଦରଖାସ୍ତଗୁଡ଼ିକୁ ଏକତ୍ରିତ କରାଯାଇଥିବା ଓ ଅନିୟମିତ ଭାବରେ ଡିଡବ୍ଲୁଓଙ୍କ ଦ୍ୱାରା ଗ୍ରହଣ କରାଯାଇଥିବାର ଆଶଙ୍କା ରହିଥିଲା ।

- ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ଓ ଡିଡବ୍ଲୁଓମାନଙ୍କର ସମ୍ଭାବ୍ୟ ସଂପୃକ୍ତି ସହିତ ଜାଲ ଛାତ୍ରୀଛାତ୍ରମାନଙ୍କ ନାମରେ ପ୍ରବଞ୍ଚନାତ୍ମକ ଭାବରେ ବୃତ୍ତିରାଶି ଲାଭ କରିବାର ଘଟଣା ମଧ୍ୟ ଅଡିଟ୍ ଲକ୍ଷ୍ୟ କରିଥିଲେ ।

  - ମେସର୍ସ ଟେକ୍‌ନୋ ସ୍କୁଲ୍, ଭୁବନେଶ୍ୱରରେ 2020-21 ଅବଧିରେ ଆଠ ଜଣ ଛାତ୍ରୀଛାତ୍ରଙ୍କ ନାମ, ଯେଉଁମାନଙ୍କୁ 4.44 ଲକ୍ଷ ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା, ଆଡମିଶନ ରେଜିଷ୍ଟରରେ ଉଲ୍ଲେଖ ନଥିଲା ।

  - ସୁବାସ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ୍ ଆଣ୍ଡ ଟେକ୍‌ନୋଲୋଜିରେ ନାମ ଲେଖାଇଥିବା 940 ଜଣ ଛାତ୍ରୀଛାତ୍ରମାନଙ୍କୁ 2017-18 ରୁ 2020-21 ଅବଧିରେ 3.38 କୋଟି ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନ 2022-23 ଠାରୁ ବନ୍ଦ ହୋଇଯାଇଥିଲା । ସେହି ଛାତ୍ରୀମାନଙ୍କର ନାମ ଲେଖାର ସତ୍ୟତା ପ୍ରତିପାଳନ କରିବାକୁ ଆଡମିଶନ ରେଜିଷ୍ଟର ତଥା ଆନୁସଙ୍ଗିକ କାଗଜପତ୍ର ଅଡିଟକୁ ଉପଲବ୍ଧ କରାଯାଇ ନଥିଲା । ଅଡିଟ୍ କିନ୍ତୁ ସହବନ୍ଧନ

ପ୍ରଦାନ କରୁଥିବା ଉତ୍କଳ ବିଶ୍ୱ ବିଦ୍ୟାଳୟ ସୂତ୍ରରୁ ଏହି ଅନୁଷ୍ଠାନ ସପକ୍ଷରେ କୌଣସି ଶିକ୍ଷା ବର୍ଷରେ କୌଣସି ପାଠ୍ୟକ୍ରମ ପାଇଁ ସହବନ୍ଧନ ପ୍ରଦାନ କରାଯାଇ ନଥିବା ବିଷୟ ନିଶ୍ଚିତ ହୋଇଥିଲେ । ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଏହି ଅନୁଷ୍ଠାନର ଛାତ୍ରୀଛାତ୍ର ହିସାବରେ ସନ୍ଦେହଯୁକ୍ତ ପ୍ରବଞ୍ଚନାତ୍ମକ ଭାବରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା 3.38 କୋଟି ଟଙ୍କା ବିଷୟ ଧରା ପଡ଼ିବା ଓ ଉତ୍ତରଦାୟୀ କରାଯିବା ବିଷୟକୁ ଏଡାଇ ଯିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନକୁ 2022-23 ପରଠାରୁ ଜାଣିଶୁଣି ବନ୍ଦ କରାଯାଇଥିବାର ଆଶଙ୍କା ରହିଥିଲା ।

- ଅଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ପ୍ରଦାନ ଘଟଣା ଅଡିଟ୍ ନଜରକୁ ଆସିଥିଲା ଯେଉଁଗୁଡ଼ିକ:
    - 38 ଟି ଅନୁଷ୍ଠାନର 5,660 ଛାତ୍ରୀଛାତ୍ରଙ୍କୁ 2016-17 ଠାରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ଅନିୟମିତ ଭାବରେ 18.03 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯଦିଓ ସେହି ସମୟରେ ପରିଚାଳିତ ସେମିଷ୍ଟାର ପରୀକ୍ଷା ଫଳାଫଳରେ ସେମାନଙ୍କର ନାମ ଅନ୍ତର୍ଭୁକ୍ତ ନଥିଲା ।
    - ଦଶଟି ଅନୁଷ୍ଠାନର ଅନ୍ୟ 115 ଜଣ ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ତିନି ବର୍ଷର ପାଠ୍ୟକ୍ରମ ଅବଧି ପାଇଁ 1.06 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯଦିଓ 2016-17 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ସେମାନେ କେବଳ ଗୋଟିଏ ସେମିଷ୍ଟାର ପରୀକ୍ଷା ଦେଇଥିଲେ ।
    - ଚାରୋଟି ପରୀକ୍ଷା ଯାଞ୍ଚ ଅନୁଷ୍ଠାନରେ 2017-18 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ସେମିଷ୍ଟାର ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିନଥିବା 3,328 ଛାତ୍ରୀଛାତ୍ରଙ୍କୁ 26.58 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ।
    - 2016-17 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ 262 ଜଣ ପ୍ରାପ୍ତକର୍ତ୍ତା ଯେଉଁମାନଙ୍କୁ ପିଏମ୍ଏସ୍ 3.15 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ସେମାନେ ବିଭିନ୍ନ ଡିପ୍ଲୋମା ଅନୁଷ୍ଠାନରେ ନାମ ଲେଖାଇଥିଲେ । ଏହି ୨୬୨ ପ୍ରାପ୍ତକର୍ତ୍ତାଙ୍କ ମଧ୍ୟରୁ ୨୩୦ ଜଣ ପ୍ରାପ୍ତକର୍ତ୍ତା ସେମାନଙ୍କ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିଲେ, କିନ୍ତୁ ପିଏମ୍ଏସ୍ ପାଇଥିଲେ ।
    - ସମାନ ଶିକ୍ଷାବର୍ଷ ପାଇଁ 65 ଟି ଅନୁଷ୍ଠାନର 172 ଜଣ ଛାତ୍ରୀଛାତ୍ରଙ୍କୁ ଅନିୟମିତ ଭାବରେ ଗୋଟିଏ ଶିକ୍ଷାବର୍ଷରେ ଦୁଇଥର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ଏହିଭଳି ଦୁଇ ଥର ଅନିୟମିତ ଦେୟର ପରିମାଣ 74.25 ଲକ୍ଷ ଟଙ୍କା ଥିଲା ।
- ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ସଠିକ୍ ନଥିପତ୍ରର ପ୍ରଚଳନ କରାନଯିବା ସହିତ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିରୀକ୍ଷଣର ଅପର୍ଯ୍ୟାପ୍ତତା/ ଅଭାବ ହେତୁ ଗୁରୁତର ନିୟନ୍ତ୍ରଣ ବିଫଳା ଦେଖାଯାଇଥିଲା ।
    - ଚାରୋଟି ନମୁନା ଅନୁଷ୍ଠାନ ସେମାନଙ୍କର ଆଡମିଶନ ରେଜିଷ୍ଟର ଗୁଡ଼ିକୁ ସଠିକ୍ ଫର୍ମରେ ରଖିନଥିଲେ । ଆଡମିଶନ ତାରିଖ, ଜାତି, ଅଭିଭାବକଙ୍କ ନାମ, ଅଭିଭାବକଙ୍କ ପେଷା, ଟେଲିଫୋନ ନମ୍ବର, ମୋବାଇଲ୍ ନମ୍ବର, ସ୍ଥାୟୀ ଠିକଣା ଇତ୍ୟାଦି ଭଳି ପ୍ରାଥମିକ ବିବରଣୀଗୁଡ଼ିକ ଆଡମିଶନ ରେଜିଷ୍ଟର ଗୁଡ଼ିକର ଉପଲବ୍ଧ ନଥିଲା ।
    - ଆଡମିଶନ ରେଜିଷ୍ଟରଗୁଡ଼ିକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, ସହକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ କିମ୍ବା ଜିଲ୍ଲା କଲ୍ୟାଣ ଅଧିକାରୀମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯାଞ୍ଚ କରାଯାଇ ନଥିଲା ।
    - ଅନୁଷ୍ଠାନଗୁଡ଼ିକର ନିରୀକ୍ଷଣ ନିମନ୍ତେ, ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯାଇ ଥିବାର ପ୍ରମାଣ ଉପଲବ୍ଧ କରାଇବାରେ ଡିଡବ୍ଲୁଓ ସକ୍ଷମ ନଥିଲେ । 2018-19 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ 13 ଟି ନମୁନା ଅନୁଷ୍ଠାନ ମଧ୍ୟରୁ କୌଣସିଟିର ନିରୀକ୍ଷଣ କରାଯାଇ ନଥିଲା ।

***(ଅନୁଚ୍ଛେଦ 2.14)***

### 1.3.4 ଅନ୍ୟାନ୍ୟ ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ

- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ (ଏସ୍‌ଏସ୍‌ଡି) ବିଭାଗ 2017-18 ଠାରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 30 ଟି ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ଏଜେନ୍ସୀ (ଆଇଟିଡିଏ) ଫୁଲବାଣୀ ସପକ୍ଷରେ 17.61 କୋଟି ଟଙ୍କା ଅନୁମୋଦନ କରିଥିଲେ । କାର୍ଯ୍ୟଗୁଡ଼ିକର ନିର୍ବାହରେ ଆଇଟିଡିଏଙ୍କ ଦ୍ୱାରା ହୋଇଥିବା ଅନିୟମିତତାଗୁଡ଼ିକ ନିମ୍ନ ଭାବରେ ଥିଲା:

  - ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା ଓ ଅନୁମୋଦନ ଆଦେଶର ସର୍ତ୍ତଗୁଡ଼ିକର ଅବମାନନା କରି ପିଏ, ଆଇଟିଡିଏ 29 ଟି କାର୍ଯ୍ୟକୁ 336 ଭାଗରେ ବିଭାଜନ କରିଥିଲେ । 336 ଭାଗରୁ 273 ଭାଗ (ମୋଟ ମୂଲ୍ୟ: 11.03 କୋଟି ଟଙ୍କା)କୁ 5 ଲକ୍ଷ ଟଙ୍କା କିମ୍ବା କମ୍ ମୂଲ୍ୟର ଭାଗରେ ବିଭାଜନ କରିଥିଲେ । କୌଣସି ନିର୍ଦ୍ଦିଷ୍ଟ କାରଣ ବିନା କାର୍ଯ୍ୟଗୁଡ଼ିକୁ ବିଭାଜନ କରିବା ବିଷୟ ସୂଚାଉଥିଲା ଯେ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇବା ଉଦ୍ଦେଶ୍ୟରେ କାର୍ଯ୍ୟଗୁଡ଼ିକୁ 5 ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର କାର୍ଯ୍ୟରେ ବିଭାଜନ କରାଯାଇଥିଲା । ଏହି ବିଭାଜିତ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟନିର୍ବାହ ପାଇଁ କୌଣସି ନୋଟିସ୍ କିମ୍ବା ବିଜ୍ଞାପନ ଇତ୍ୟାଦିର ପ୍ରକାଶନ କରାଯାଇ ନଥିଲା ଏବଂ ପ୍ରତ୍ୟେକ କ୍ଷେତ୍ରରେ ତିନି ଜଣ ବ୍ୟକ୍ତିବିଶେଷଙ୍କ ଠାରୁ କୋଟେସନ୍ ପ୍ରାପ୍ତ ହୋଇଥିଲା ।

  - ଜିଆଇ ପାଇପ୍, ଫିଟିଙ୍ଗ୍‌ସ, ସିମେଣ୍ଟ, ଷ୍ଟିଲ୍ ଇତ୍ୟାଦି ସାମଗ୍ରୀ ଗୁଡ଼ିକ ବାବଦରେ କୌଣସି ସର୍ଭେ ଓ ମୂଲ୍ୟ ଆକଳନ ପ୍ରସ୍ତୁତି ବିନା, ଆଇଟିଡିଏ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ ପାଇଁ ସମାନ ତିନି ଜଣ ବ୍ୟକ୍ତି ବିଶେଷଙ୍କ ଠାରୁ ପ୍ରାପ୍ତ କୋଟେସନ୍ ଉପରେ ଭରସା କରିଥିଲେ । ଏହାଫଳରେ ପ୍ରକଳ୍ପର ମୂଲ୍ୟ ନିରୂପଣ କାର୍ଯ୍ୟସ୍ଥଳ ସର୍ଭେ ଭିତ୍ତିକ ପ୍ରକଳ୍ପ ଆବଶ୍ୟକତା ଆଧାରରେ କରାନଯାଇ ଚୟନ କରାଯାଇଥିବା ବ୍ୟକ୍ତିବିଶେଷମାନଙ୍କ କୋଟେସନ୍ ଆଧାରରେ କରାଯାଇଥିଲା ।

  - ଠିକାଦାରମାନଙ୍କ ଦ୍ୱାରା ପ୍ରକୃତରେ ବ୍ୟବହାର ହୋଇଥିବା ଦାବି କରାଯାଇ ଦେୟ ପ୍ରଦାନ କରାଯାଇଥିବା ବିପକ୍ଷରେ ସାମଗ୍ରୀର ପ୍ରକୃତ ବ୍ୟବହାର ବାବଦରେ 31 ଟି କାର୍ଯ୍ୟ ମଧ୍ୟରୁ 18 ଟିର ମିଳିତ ବସ୍ତୁଗତ ନିରୀକ୍ଷଣରେ ଲକ୍ଷ୍ୟ କରାଗଲା ଯେ 17.17 ଲକ୍ଷ ଟଙ୍କାର ସାମଗ୍ରୀ ବାସ୍ତବରେ ବିନିଯୋଗ ହୋଇନଥିଲା ।

  - ଦୁଇଟି କାର୍ଯ୍ୟ 19.90 ଲକ୍ଷ ଟଙ୍କା ବ୍ୟୟରେ ନିର୍ବାହ କରାଯାଇଥିଲା ଓ ଏହି କାର୍ଯ୍ୟ ହୋଇଥିବା ସପକ୍ଷରେ ଫଟୋ ପ୍ରମାଣ ମଧ ରେକର୍ଡରେ ରଖାଯାଇଥିଲା । କିନ୍ତୁ ଉଭୟ କାର୍ଯ୍ୟର ଫଟୋଗ୍ରାଫ୍ ମଧ୍ୟରେ ସାମଞ୍ଜସ୍ୟ ଥିଲା, ଯାହା କାଯ୍ୟ ସମ୍ପାଦନ କରାଯାଇଥିବା ଦାବି ଉପରେ ସନ୍ଦେହ ସୃଷ୍ଟି କରୁଥିଲା ।

**(*ଅନୁଚ୍ଛେଦ 2.15*)**

- ଜଳସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ଅଧିନସ୍ଥ ଭଦ୍ରକ ଡ୍ରେନେଜ ଡିଭିଜନର ନିର୍ବାହୀ ଯନ୍ତ୍ରୀ (ଇଇ) ନ୍ୟାୟିକ ପଦ୍ଧତି ଗୁଡ଼ିକର ଅନୁପାଳନ ବିନା 71.81 ଏକର ବେସରକାରୀ ଜମି ଅଧିଗ୍ରହଣ କରିଥିଲେ ଓ କ୍ଷତିପୂରଣ ବାବଦରେ 4.82 କୋଟି ଟଙ୍କା ପ୍ରଦାନ କରିନଥିଲେ । ଏହିପରି ଘରୋଇ ଜମି ଅଧିଗ୍ରହଣ, ସଂପୃକ୍ତ ଜମି ମାଲିକମାନଙ୍କର ସମ୍ପତ୍ତି ଅଧିକାରର ସହିତ ଜମି ଅଧିଗ୍ରହଣ, ପୁର୍ନବାସ ଏବଂ ପୁନଃ ଥଇଥାନ ଅଧିନିୟମ, 2013 ର ଉଚିତ୍ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ବ୍ୟବସ୍ଥାର ଅବମାନନା ଥିଲା ।

**(*ଅନୁଚ୍ଛେଦ 2.2*)**

- ଦୁଇଟି ପ୍ରକଳ୍ପ ନିମନ୍ତେ 799,91 ଏକର ବେସରକାରୀ ଜମି ଅଧିଗ୍ରହଣରେ ସରକାରଙ୍କ ଜମି ମୂଲ୍ୟାୟନ କର୍ତ୍ତୃପକ୍ଷ ଅନୁପଯୁକ୍ତ ଭାବରେ ଜମିର ବଜାର ମୂଲ୍ୟ ସ୍ଥିର କରିଥିଲେ ଏବଂ ଅତିରିକ୍ତ ବଜାର

ମୂଲ୍ୟ ଓ ସୋଲାସିଅମ୍‌ର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କରିଥିଲେ । ଫଳସ୍ୱରୂପ, 76.51 କୋଟି ଟଙ୍କାର ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଥିଲା ।

*(ଅନୁଚ୍ଛେଦ 2.3)*

- ପ୍ରକୃତ ବ୍ୟବହାରକାରୀଙ୍କ ଚିହ୍ନଟ ତଥା ବିସ୍ତୃତ ତଥ୍ୟର ଯାଞ୍ଚ ବିନା, ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ସପକ୍ଷରେ ଶିଳ୍ପ ପାଇଁ ଉଦ୍ଦିଷ୍ଟ ସରକାରୀ ଜମି ରିହାତି ଦରରେ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଥିଲା, ଯାହାକୁ ଏହିଭଳି ରିହାତି ପାଇବା ପାଇଁ ଯୋଗ୍ୟ ନଥିବା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ହସ୍ତାନ୍ତର କରାଯାଇଥିଲା । ଫଳସ୍ୱରୂପ, ସରକାର 8.47 କୋଟି ଟଙ୍କାର କ୍ଷତି ସହିଥିଲେ ।

*(ଅନୁଚ୍ଛେଦ 2.4)*

- ତିନିଟି ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଯଥା ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ (ଏସ୍‌ଏଲ୍‌ଏଓ), ନାଲ୍‌କୋ, ଅନୁଗୁଳ, ଏସ୍‌ଏଲ୍‌ଏଓ, ଏନ୍‌ଟିପିସି, ଅନୁଗୁଳ ଏବଂ ଏସ୍‌ଏଲ୍‌ଏଓ, ଏମ୍‌ସିଏଲ୍, ଅନୁଗୁଳ ସ୍ଥାପନା ବିଶେଷ ଭାବରେ ତିନିଟି କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନିମନ୍ତେ ଜମି ଅଧିଗ୍ରହଣ ପାଇଁ କରାଯାଇଥିଲା । ବିଗତ 12 ବର୍ଷରେ (ଆର୍ଥିକ ବର୍ଷ 2009-10 ରୁ ଆର୍ଥିକ ବର୍ଷ 2020-21), ଏସ୍‌ଏଲ୍‌ଏଓ, ଏନ୍‌ଟିପିସି, ଅନୁଗୁଳରେ ମାତ୍ର ପାଞ୍ଚଟି ଏଲ୍‌ଏ କେସ୍ ଆରମ୍ଭ କରାଯାଇଥିଲା ଓ ଅନ୍ୟ ଦୁଇଟି ଏସ୍‌ଏଲ୍‌ଏଓ ରେ କୌଣସି କେସ୍ ଆରମ୍ଭ କରାଯାଇ ନଥିଲା । ଏହିପରି ଭାବରେ, ଏହି ପ୍ରତିଷ୍ଠାନ ଗୁଡିକୁ କାର୍ଯ୍ୟକ୍ଷମ ରଖିବାର କୌଣସି ଆବଶ୍ୟକତା ନଥିଲା । ଏହିପରି ଭାବରେ, କୌଣସି ପ୍ରମୁଖ କାର୍ଯ୍ୟ ବିନା ଏସ୍‌ଏଲ୍‌ଏଓ ଗୁଡିକ ଚାଲୁ ରହିବା ଫଳରେ 2009-10 ରୁ 2020-21 ଆର୍ଥିକ ବର୍ଷରେ 17.58 କୋଟି ଟଙ୍କାର ନିଷ୍କ୍ରିୟ ବ୍ୟୟ ହୋଇଥିଲା । ସେଠାରେ ଥିବା କର୍ମଚାରୀମାନଙ୍କୁ ଲାଭଜନକ ଉଦ୍ଦେଶ୍ୟରେ କାର୍ଯ୍ୟରେ ଲଗାଯାଇ, ଏସ୍‌ଏଲ୍‌ଏଓ ଗୁଡ଼ିକୁ କାର୍ଯ୍ୟୋପଯୁକ୍ତ କରିବା ପର୍ଯ୍ୟନ୍ତ ନିଷ୍କ୍ରିୟ ବ୍ୟୟ ଜାରି ରହିଥିବ ।

*(ଅନୁଚ୍ଛେଦ 2.5)*

- ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷୀ ତହସିଲ ଅନ୍ତର୍ଗତ ତିନୋଟି ପଥର ଖଣି ଯଥା- ମୁନ୍ଦାବଣୀ ପଥର ଖଣି, ମୁନ୍ଦାବଣୀ ପଥର ଖଣି-II ଓ କୁମ୍ଭାରମୁନ୍ଦକଟା ପଥର ଖଣି-II ରେ ରୟାଲିଟି ଓ ଅନ୍ୟାନ୍ୟ ଦେୟ ବାବଦକୁ 10.35 କୋଟି ଟଙ୍କାର ସରକାରୀ ଦେୟ, ଲିଜ୍ ଅବଧି ସମାପ୍ତି ପରେ ମଧ୍ୟ ଲିଜ୍‌ଧାରୀ ମାନଙ୍କ ଠାରୁ ଆଦାୟ କରାଯାଇ ନଥିଲା । ଅଡିଟ୍ ଦ୍ୱାରା ଏହି ବିଷୟ ଦର୍ଶାଯିବା ପରେ, ମୁନ୍ଦାବଣୀ ପଥର ଖଣିର ଲିଜ୍‌ଧାରୀଙ୍କ ଠାରୁ 3.47 କୋଟି ଟଙ୍କା ଆଦାୟ କରାଯାଇଥିଲା ।

*(ଅନୁଚ୍ଛେଦ 2.6)*

- ବୌଦ୍ଧ ଜିଲ୍ଲାର ହରଭଙ୍ଗା ତହସିଲଦାର କାର୍ଯ୍ୟାଳୟ ଦ୍ୱାରା ଦୁଇଟି ପଥର ଖଣି ଯଥା-ଖରଭୂଇଁ ଜଙ୍ଗଲ-I ଓ ଖରଭୂଇଁ ଜଙ୍ଗଲ-3ର ନିଲାମରେ ଜଣେ ବିଡର ସହଭାଗିତା ସଂସ୍ଥାର ସହଭାଗୀ ପରିଚାଳନା ଏବଂ ଜଣେ ବ୍ୟକ୍ତି ବିଶେଷ ଭାବରେ ଉଭୟ ଖଣି ପାଇଁ ବିଡ୍ ଦାଖଲ କରିଥିଲେ । ଉଭୟ ଖଣି ପାଇଁ ପରିଚାଳନା ସହଭାଗୀ ଭାବରେ ଦାଖଲ କରାଯାଇଥିବା ବିଡ୍ ମୂଲ୍ୟ ସର୍ବୋଚ୍ଚ ଥିଲା ଏବଂ ବ୍ୟକ୍ତି ବିଶେଷ ଭାବରେ ଦାଖଲ ହୋଇଥିବା ବିଡ୍ ମୂଲ୍ୟ ଦ୍ୱିତୀୟ ସର୍ବୋଚ୍ଚ ଥିଲା । ପରିଚାଳନା ସହଭାଗୀକୁ ମଗାଯାଇଥିବା ଲିଜ୍ ବିଡର ଗ୍ରହଣ କରିନଥିଲେ ଓ ପରିମାଣ ସ୍ୱରୂପ ଦ୍ୱିତୀୟ ସର୍ବାଧିକ ବିଡର ସମାନ ବ୍ୟକ୍ତିବିଶେଷକୁ ଲିଜ୍ ମଗାଯାଇଥିଲା ଯାହା ଗ୍ରହଣ କରାଯାଇଥିଲା । ଫଳସ୍ୱରୁପ 1.49 କୋଟି ଟଙ୍କାର ଅପେକ୍ଷାକୃତ କମ୍ ମୂଲ୍ୟରେ ବିଡର ଲିଜ୍ ପାଇବାରେ ସକ୍ଷମ ହୋଇଥିଲେ । ସ୍ୱାର୍ଥ ନିହିତ ଦ୍ୱୟ ଆଧାରରେ ଏକାଧିକ ବିଡ୍ ଦାଖଲକୁ ବାରଣ କରିବା ପାଇଁ ବିଡ୍ ସର୍ତ୍ତଗୁଡ଼ିକ ସକ୍ଷମ ନଥିଲା, ଯାହାର ଫାଇଦା ବିଡର ଉଠାଇଥିଲେ ।

*(ଅନୁଚ୍ଛେଦ 2.7)*

- ଖରଭୂଇଁ-I ପଥର ଖଣି ଓ ଦିଆନିଘାଟ ବାଲି ଖଣି ନାମତ ଦୁଇଟି ଖଣିର ନିଲାମ ନିମନ୍ତେ ସର୍ବାଧିକ ମୂଲ୍ୟ ଯାଚିଥିବା ଜଣେ ଆବେଦନକାରୀଙ୍କ ଲିଜ୍ ଦରଖାସ୍ତକୁ ହରଭଙ୍ଗା ତହସିଲଦାର ଏହି କାରଣରୁ ଅଗ୍ରାହ୍ୟ କରିଥିଲେ ଯେ, ଇଏମ୍‌ଡି ବାବଦକୁ ପ୍ରଦାନ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟଗୁଡ଼ିକ ଆବେଦନକାରୀଙ୍କ ବ୍ୟବସାୟିକ ନାମରେ ଜାରି କରାଯାଇଥିବା ବେଳେ, ଲିଜ୍ ଦରଖାସ୍ତ ନିଜ ନାମରେ ଦାଖଲ କରିଥିଲେ । ତେବେ, ଲିଜ୍ ଦରଖାସ୍ତ ସହିତ ଦାଖଲ କରାଯାଇଥିବ ଜିଏସ୍‌ଟି ପଞ୍ଜିକରଣ ପ୍ରମାଣପତ୍ରରେ ଆବେଦନକାରୀଙ୍କ ନାମ ତଥା ବ୍ୟବସାୟିକ ନାମ ଦର୍ଶାଯାଇଥିଲା । ତେଣୁ, ବ୍ୟବସାୟିକ ନାମ ଓ ଆବେଦନକାରୀଙ୍କ ନାମ ସମାନ ସଂସ୍ଥାର ବୋଲି ପ୍ରମାଣିତ ହୋଇଥିଲା ଓ ସର୍ବାଧିକ ମୂଲ୍ୟର ବିଡ୍‌ର ପ୍ରତ୍ୟାଖ୍ୟାନ ଯୁକ୍ତିଯୁକ୍ତ ନଥିଲା । ତହସିଲଦାରଙ୍କ ଏହିଭଳି ଅନୁଚିତ କାର୍ଯ୍ୟ ଦ୍ୱାରା କମ୍ ମୂଲ୍ୟ ଯାଚିଥିବା ବିଡରଙ୍କୁ ଲିଜ୍ ପ୍ରଦାନ କରାଯାଇଥିଲା, ଯାହାଫଳରେ ସରକାରଙ୍କୁ 3.15 କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିଲା ।

***(ଅନୁଚ୍ଛେଦ 2.8)***

- ଟୁଟୁରସିଂଗା ବାଲି ଖଣି ଓ ଉଦ୍‌ବିଲିକା ପଥର ଖଣିର ଲିଜ୍‌ଧାରୀଙ୍କ ଠାରୁ ରାଜସ୍ୱ ଆଦାୟ କ୍ଷେତ୍ରରେ, ବଉଦ ତହସିଲଦାର, ଲିଜ୍‌ଧାରୀଙ୍କ ଠାରୁ ପ୍ରାପ୍ୟ ସରକାରୀ ଦେୟର ତ୍ରୁଟିପୂର୍ଣ୍ଣ ହିସାବ କରିଥିଲେ । ଫଳସ୍ୱରୂପ, 1.28 କୋଟି ଟଙ୍କାର ସ୍ୱଳ୍ପ ସରକାରୀ ରାଜସ୍ୱ ଆଦାୟ ହୋଇଥିଲା, ଯାହା ଉପରେ 42.68 ଲକ୍ଷ ଟଙ୍କାର ସୁଧ ଲିଜ୍‌ଧାରୀଙ୍କ ଠାରୁ ଆଦାୟଯୋଗ୍ୟ ଥିଲା ।

***(ଅନୁଚ୍ଛେଦ 2.9)***

- କୌଣସି ବ୍ୟକ୍ତି କୌଣସି ଲଘୁ ଖଣିଜ ପଦାର୍ଥର ଖନନ କିମ୍ବା ପରିବହନ କିମ୍ବା କାହା ତରଫରୁ ଏହି ଖନନ କିମ୍ବା ପରିବହନ କରୁଥିବାର ଦେଖାଗଲେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯିବାର ଓଡ଼ିଶା ଲଘୁ ଖଣିଜ ରିହାତି (ଓଏମ୍‌ଏମ୍‌ସି) ନିୟମ, 2016 ରେ ଉଲ୍ଲେଖ ଥିବା ବ୍ୟବସ୍ଥାର ଅନୁପାଳନ ନହେବା କାରଣରୁ, 15.63 କୋଟି ଟଙ୍କାର ଜରିମାନା କମ୍ ଆଦାୟ କରାଯାଇଥିଲା । ପାଞ୍ଚଟି ତହସିଲ କାର୍ଯ୍ୟାଳୟରେ ବେଆଇନ ଖନନ/ ପରିବହନ/ ବାଲି ଜମା କରିବା, ଇତ୍ୟାଦି ଭଳି 322 ଟି ପରୀକ୍ଷା ଯାଞ୍ଚ ମାମଲା କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କାର ସର୍ବାଧିକ ଜରିମାନା ଲାଗୁ କରାଯାଇନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ମାମଲା ପ୍ରତି ଜରିମାନା ହାର 300 ଟଙ୍କାରୁ 99,880 ଟଙ୍କା ମଧ୍ୟରେ ରହିଥିଲା ।

***(ଅନୁଚ୍ଛେଦ 2.10)***

- ଛଅଟି ଜିଲ୍ଲା ଉପ-ନିବନ୍ଧକ ଓ ଉପ ନିବନ୍ଧକ କାର୍ଯ୍ୟାଳୟରେ, 25 ଟି ପଞ୍ଜୀକୃତ ଲିଜ୍ ରାଜିନାମାରେ ଲକ୍ଷ୍ୟ କରାଗଲା ଯେ, ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ର ମୂଲ୍ୟାୟନ ପାଇଁ ଜିଏସ୍‌ଟି ଓ ସିକ୍ୟୁରିଟି ଜମା ପରିମାଣ ବିଚାରକୁ ନିଆଯାଇନଥିଲା । ଏହିପରି ଭାବରେ, ନିବନ୍ଧନ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଏସ୍‌ଡି ଓ ଆର୍‌ଏଫ୍ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ହେତୁ, 74.43 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ସ୍ୱଳ୍ପ ଆଦାୟ ହୋଇଥିଲା ।

***(ଅନୁଚ୍ଛେଦ 2.11)***

- ପଲିଥିନ୍ ରୋଲ୍‌ର ରାଜ୍ୟସ୍ତରୀୟ ବଫର ଷ୍ଟକ୍ ପ୍ରଚଳନ ପାଇଁ ଜିଇଏମ୍ ମାଧ୍ୟମରେ 1,625 ଏମ୍‌ଟି ର ପଲିଥିନ୍ ରୋଲ୍ କ୍ରୟ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା ଯାହାକି କୌଣସି ଯୁକ୍ତିଯୁକ୍ତ କାରଣ ବିନା ବାତିଲ କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ଅନ୍ୟ ଟେଣ୍ଡର ମାଧ୍ୟମରେ ଉଚ୍ଚ ମୂଲ୍ୟରେ କ୍ରୟ କରାଯାଇଥିଲା, ଯାହାଫଳରେ 3.90 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 2.12)***

- 2013-14 ଓ 2017-18 ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର, 3.20 କୋଟି ଟଙ୍କା ବ୍ୟୟରେ 401.47 ଏକର ପରିମିତ ଜାଗାରେ ଗୋଷ୍ଠୀ ଅଂଶଗ୍ରହଣ ମାଧ୍ୟମରେ ରବର

ଚାଷ ଆରମ୍ଭ କରିଥିଲେ । ଜୁଲାଇ 2020 ସୁଦ୍ଧା, ଚାରା ଜୀବିତ ହାର 0 ରୁ 58 ପ୍ରତିଶତ ଥିଲା । ହିତାଧିକାରୀମାନଙ୍କୁ ଠିକ୍ ସମୟରେ ମଜୁରୀ ପ୍ରଦାନ ନକରିବା ଓ ଚାଷୀମାନଙ୍କୁ ପ୍ରତ୍ୟକ୍ଷ ସହାୟତା ପ୍ରଦାନ ନକରିବା ହେତୁ, ସଠିକ୍ ରକ୍ଷଣାବେକ୍ଷଣ କରାଯାଇ ନଥିଲା, ଯାହାଫଳରେ ଚାରାଗୁଡ଼ିକର ବଞ୍ଚିବା ହାର କମି ଥିଲା । ଫଳସ୍ୱରୂପ, ବ୍ୟୟ ହେଉଥିବା 3.20 କୋଟି ଟଙ୍କା ନିଷ୍ଫଳ ହୋଇଥିଲା ।

***(ଅନୁଚ୍ଛେଦ 2.16)***

- ଓଡ଼ିଶା ସରକାରଙ୍କ ସମବାୟ ବିଭାଗ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ମାଧ୍ୟମରେ (ଓଏସ୍‌ସିବି) 2013-14 ରେ 'ବ୍ୟାଙ୍କ ଅନ୍ ହୁଇଲ' ଆରମ୍ଭ କରିଥିଲେ । ଓଏସ୍‌ସିବି, 20 ଟି ସ୍ୱୟଂଚାଳିତ ଟେଲର ମେସିନ୍ (ଏଟିଏମ୍) ଭ୍ୟାନ୍ ଓ ଆନୁସଙ୍ଗିକ ସାମଗ୍ରୀର କ୍ରୟ ଓ ଅପ୍ରେଲ 2016 ଠାରୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ 8.69 କୋଟି ଟଙ୍କା ବ୍ୟୟ କରିଥିଲେ । ସମସ୍ତ 20 ଟି ଏଟିଏମ୍ ଭ୍ୟାନ୍ ମାର୍ଚ୍ଚ 2021 ବେଳକୁ କାର୍ଯ୍ୟକ୍ଷମ ନଥିଲା । ଦୁଇଟି ଏଟିଏମ୍ ଭ୍ୟାନ୍ ଗୋଟିଏ ଦିନ ଅଚଳ ଥିଲା ବେଳେ, 17 ଟି ଏଟିଏମ୍ ଭ୍ୟାନ୍ 18 ରୁ 60 ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନଥିଲା ଓ ଗୋଟିଏ ଏଟିଏମ୍ ଭ୍ୟାନ୍ କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ସମୟ ଅଡିଟରେ ନିଶ୍ଚିତ କରାଯାଇପାରି ନଥିଲା । ସଠିକ୍ ରକ୍ଷଣାବେକ୍ଷଣର ଅଭାବ, ଅପରେଟିଙ୍ଗ୍ କର୍ମଚାରୀଙ୍କୁ ନିଯୁକ୍ତି ନଦେବା ଓ ଇଣ୍ଟରନେଟ୍ ସଂଯୋଗର ଅଭାବ ମୋବାଇଲ୍ ଏଟିଏମ୍ ଭ୍ୟାନ୍ ଗୁଡ଼ିକ ଅଚଳ ହେବାର କାରଣ ଥିଲା । ଫଳସ୍ୱରୂପ, 'ବ୍ୟାଙ୍କ ଅନ୍ ହୁଇଲ୍' ପ୍ରଚଳନରେ ବ୍ୟୟ ହୋଇଥିବା 8.69 କୋଟି ଟଙ୍କା ଅପଚୟ ହୋଇଥିଲା ।

***(ଅନୁଚ୍ଛେଦ 2.17)***

- ଭୁବନେଶ୍ୱର ପୌରାଞ୍ଚଳରେ ବିକ୍ରୀ କିମ୍ବା ଉପହାର ସୂତ୍ରରେ ଲିଜ୍ ଜମି ହସ୍ତାନ୍ତର ଉପରେ ଓଡ଼ିଶା ସରକାର ସମ୍ମତି ଶୁଳ୍କ ଧାର୍ଯ୍ୟ କରନ୍ତି । ପରୀକ୍ଷା ଯାଞ୍ଚ କରାଯାଇଥିବା ଭୁବନେଶ୍ୱରର କଳ୍ପନା ସିନେମା ହଲ ଅଞ୍ଚଳରେ 3,520 ବର୍ଗ ଫୁଟ୍ ପରିମିତ ଏକ ଜମି ଅଗଷ୍ଟ 1960 ରେ ଲିଜ୍ ଅନୁମୋଦନ ପର ଠାରୁ ତିନିଥର ଯଥା- ନଭେମ୍ବର 1976, ଫେବୃଆରୀ 1977 ଓ ମଇ 2021 ରେ ହସ୍ତାନ୍ତର କରାଯାଇଥିଲା । କିନ୍ତୁ କୌଣସି ଘଟଣାରେ, ସମ୍ମତି ଶୁଳ୍କ ଧାର୍ଯ୍ୟ କରାଯାଇ ନଥିଲା । ଏହି ବିଷୟ ଅଡିଟରେ ଦର୍ଶାଯିବା (ଅଗଷ୍ଟ 2021) ପରେ, ବିଭାଗ 1.03 କୋଟି ଟଙ୍କାର ଏକ ଦାବି ଉତ୍ଥାପନ କରିଥିଲେ, ଯାହା ଜୁନ୍ 2023 ସୁଦ୍ଧା ଅସୁଲ କରାଯାଇ ନଥିଲା ।

***(ଅନୁଚ୍ଛେଦ 2.18)***

- ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦକ ସମବାୟ ଫେଡେରେସନ୍ ଲିମିଟେଡ୍ (ଓମ୍‌ଫେଡ୍) 1 ଅଗଷ୍ଟ 2015 ଠାରୁ 31 ଜୁଲାଇ 2016 ପାଇଁ 48-52 ମାଇକ୍ରନ୍ ମୋଟେଇ ବିଶିଷ୍ଟ ତିନି-ପ୍ରସ୍ତ ପଲିଥିନ୍ ଫିଲ୍ମ କ୍ରୟ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲେ । କିନ୍ତୁ, କଳା ଓ ଧଳା ପଲିଥିନ୍ ଫିଲ୍ମ, ଦୁଗ୍ଧଜାତ ଦ୍ରବ୍ୟକୁ ଅଧିକ ସମୟ ସଂରକ୍ଷିତ ରଖି ପାରୁଥିବା କାରଣରୁ, ଓମ୍‌ଫେଡ୍‌ର ମାର୍କେଟିଙ୍ଗ୍ ଡିଭିଜନ, ଏଗୁଡିକର କ୍ରୟ ପ୍ରସ୍ତାବ ଦେବା ଫଳରେ, ଟେଣ୍ଡର ବାତିଲ କରାଯାଇଥିଲା । ବୈଷୟିକ ବୈଶିଷ୍ଟ୍ୟତା ଉପରେ ନିଷ୍ପତ୍ତି ନେବା ପାଇଁ ଓମ୍‌ଫେଡ୍‌ର କ୍ରୟ କମିଟି ଏକ ବୈଷୟିକ କମିଟି ଗଠନ ପାଇଁ ସୁପାରିଶ କରିଥିଲେ । କିନ୍ତୁ, କୌଣସି ବୈଷୟିକ କମିଟି ଗଠନ କରାଯାଇ ନଥିଲା ଏବଂ ଦୁଇ ବିଦ୍ୟମାନ ଯୋଗାଣକାରୀ ଯଥା ମେସର୍ସ ଇନ୍ଦୁ ପ୍ୟାକେଜିଂ ଓ ମେସର୍ସ ଆଇଡିଏମ୍‌ସି ଲିମିଟେଡ୍‌ଙ୍କ ଠାରୁ କୋଟେସନ୍ ଆହ୍ୱାନ କରାଯାଇଥିଲା । ମେସର୍ସ ଇନ୍ଦୁ ପ୍ୟାକେଜିଂର ପ୍ରସ୍ତାବିତ ମୂଲ୍ୟ ଶସ୍ତା ଥିବା ସତ୍ତ୍ୱେ, ଅକ୍ଟୋବର 2015 ଠାରୁ ମାର୍ଚ୍ଚ 2016 ମଧ୍ୟରେ ଓମ୍‌ଫେଡ୍ ମେସର୍ସ ଆଇଡିଏମ୍‌ସି ଠାରୁ ମୋଟ 640.79 ମେଟ୍ରିକ୍ ଟନ୍ କ୍ରୟ ମଧ୍ୟରୁ 571.88 ମେଟ୍ରିକ୍ ଟନ୍ (89 ପ୍ରତିଶତ) କ୍ରୟ କରିଥିଲେ । ଏହିପରି ଭାବରେ, ମହଙ୍ଗା ଯୋଗାଣକାରୀଙ୍କ ଠାରୁ ଓମ୍‌ଫେଡ୍‌ର ପଲିଥିନ୍ କ୍ରୟ ନିଷ୍ପତ୍ତି, ଏହାର ଅର୍ଥନୈତିକ ସ୍ୱାର୍ଥ ସପକ୍ଷରେ ନଥିଲା, ଯାହାଫଳରେ 3.38 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 2.19)***